## ସଂକ୍ଷେପରେ

### ଲ୍ୟାଣ୍ଡମାଇନ ବିସ୍ଫୋରଣ: ଯବାନ ଆହତ

ମାଲକାନଗିରି,୩୦।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାର ଅରନପୁର ଥାନା କକାରୀ ଅଞ୍ଚଳରେ ତଲାସୀ ଅଭିଯାନ ବେଳେ ଶୁକ୍ରବାର ସକାଳେ ମାଓବାଦୀଙ୍କ ଦ୍ୱାରା ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟାଯାଇଛି। ଫଳରେ ଜଣେ ଯବାନ ଗୁରୁତର ହୋଇଥିବା ଜଣାପଡ଼ିଛି । ତାଙ୍କ ନାମ ରେନୁ ଭାସ୍କର। ତାଙ୍କୁ ଚିକିତ୍ସା ପାଇଁ ଦାନ୍ତେୱାଡ଼ା ଜିଲା ସଦର ମହକୁମା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

### ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର

ଚିତ୍ରକୋଣ୍ଡା,୩୦।୧୧- ଚିତ୍ରକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପରିବାର କଲ୍ୟାଣ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅଞ୍ଚଳର ୧୮ଟି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ୧୪୧ଜଣ ମହିଳାଙ୍କୁ ପରିବାର କଲ୍ୟାଣ ଯୋଜନା ମାଧମରେ ଅସ୍ତ୍ରୋପଚାର କରାଯାଇଥିଲା । ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତ, ଡା. ସପନ କୁମାର ଦିଣ୍ଡା ଶିବିର ପରିଚାଳନା କରିଥିଲେ। ଅନୁପମା ମହନା ସହଯୋଗ କରିଥିଲେ।

### ମାଓବାଦୀଙ୍କ ନୂଆ ରଣନୀତି



ମାଲକାନଗିରି,୩୦।୧୧(ଡି.ଏନ.ଏ.)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ନୂଆ ରଣ କୌଶଳ ଆପଣେଇଛନ୍ତି। ସୁକୁମା ଜିଲାର ଚିନ୍ତାଗୁମ୍ଫା ଜଙ୍ଗଲରେ ମାଓବାଦୀମାନେ ପାଳ ସାହାଯ୍ୟରେ ପୁତ୍ତଳିକା ତିଆରି କରି ଘଞ୍ଚ ଜଙ୍ଗଲରେ ରଖୁଛନ୍ତି । ଏହା ସମ୍ପୂର୍ଣ୍ଣ ଜଣେ ମାଓବାଦୀ ଭଳି ଦେଖାଯାଉଛି । ଏହି ପୁତ୍ତଳିକାରେ ମାଓବାଦୀମାନେ ନକଲି ବନ୍ଧୁକ ରଖିବା ସହ ଏଥିରେ ବୋମା, ଗ୍ରାନାଇଟ ଭଳି ବିସ୍ଫୋରଣ ସାମଗ୍ରୀ ରଖୁଛନ୍ତି । ପୋଲିସ କୋମ୍ବିଂ ଅପରେଶନ କିମ୍ବା ତଲାସୀ ଅଭିଯାନ ସମୟରେ ଜଙ୍ଗଲ ମଧରେ ଏହି ପୁତ୍ତଳିକାକୁ ଦେଖି ମାଓବାଦୀ ଭାବି ଗୁଳି ଚାଳନା କରିବେ। ତେବେ ଏଥିରେ ଖଞ୍ଜାଯାଇଥିବା ବୋମା ବିସ୍ଫୋରଣ ହେଲେ ପୋଲିସକୁ କ୍ଷତି ପହଞ୍ଚାଇବ । ସିଆରପିଏଫ ଯବାନମାନେ ଏକ ତଲାସୀ ଅଭିଯାନରେ ବାହାରିଥିବା ବେଳେ ମାଓବାଦୀଙ୍କ ଏହି ନୂତନ ରଣନୀତିର ପର୍ଦ୍ଦାଫାଶ କରିଛନ୍ତି। ଏହି ଜଙ୍ଗଲରୁ ସୁରକ୍ଷାକର୍ମୀମାନେ ୪ଟି ନକଲି ମାଓବାଦୀ ପୁତ୍ତଳିକା ସହ ବହୁ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ମାଇକ୍ରୋ ଆଇଡି, ବାଇକ ବୋମା, ସ୍ୱାଇକ ହୋଲ, ତୀର ବୋମା ଭଳି ବହୁ ନୂତନ ରଣ କୌଶଳ ଆପଣେଇଥିଲେ। ସୁରକ୍ଷା କର୍ମୀମାନେ ଏହାକୁ ଜବତ କରି ମାଓବାଦୀଙ୍କ ଷଡ଼ଯନ୍ତ୍ରକୁ ବିଫଳ କରିଥିଲେ।

## ■ ବୈଠକ ନ କରି ବିଇଓ ଚାଲିଗଲେ

# ପ୍ରତିବାଦ ଜଣାଇ ଧାରଣାରେ ବସିଲେ ଶିକ୍ଷକ



ଅନଶନରେ ବସିଥିବା ଶିକ୍ଷକମାନେ ।

ମାଥିଲି, ୩୦।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକରେ ବିଇଓଙ୍କ ଶିକ୍ଷକମାନଙ୍କ ବ୍ୟବହାର ନେଇ ଶୁକ୍ରବାର ଏହାର ପ୍ରତିବାଦରେ ଶିକ୍ଷକମାନେ ଧାରଣାରେ ବସିଥିଲେ । ବିଭିନ୍ନ ସମସ୍ୟା ବୁଝିବାକୁ ସମୟ ଦେଇଥିବା ବିଇଓ କାର୍ଯ୍ୟାଳୟରୁ ବାହାରିଯିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ପରେ ଫୋନ ଯୋଗେ ବିଇଓ ବୁଝାଇବାରୁ ଶିକ୍ଷକମାନେ ଧାରଣାରୁ ଉଠି ଯାଇଥିଲେ। ଖବରରୁ ଜଣାପଡିଛି କିଛିଦିନ ତଳେ ବିଇଓ ଗୌରୀ ଶଙ୍କର ଦାସଙ୍କୁ ମାଥିଲି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପୂର୍ବରୁ ଏକ ତାରିଖ ଧାର୍ଯ୍ୟ କରି ବିଇଓଙ୍କ ସହିତ ଆଲୋଚନା ପାଇଁ କୁହାଯାଇଥିଲା । ପରବର୍ତ୍ତୀ ସମୟରେ ୩୦ରେ ଏ ନେଇ ବିଇଓଙ୍କ ସହିତ ଆଲୋଚନା କରିବାକୁ ଏକ ପତ୍ର ଦ୍ୱାରା ତାଙ୍କୁ ଅବଗତ କରାଯାଇଥିଲା । ସଂଘ ସଭାପତି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଶିକ୍ଷକମାନେ ଶୁକ୍ରବାର ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ହଠାତ୍ ବିଇଓ କୌଣସି ସୂଚନା ନ ଦେଇ କାର୍ଯ୍ୟାଳୟରୁ ବାହାରି ଯାଇଥିଲେ । ଏହାକୁ କେନ୍ଦ୍ର କରି ଶିକ୍ଷକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଥିଲା । ସମସ୍ତ ଶିକ୍ଷକ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ତେବେ ଏକ ଜରୁରୀ କାର୍ଯ୍ୟରେ ଚାଲିଆସିବାରୁ ଶନିବାର ଆଲୋଚନା କରିବାକୁ ଫୋନ ମାଧମରେ ଶିକ୍ଷକଙ୍କୁ ବୁଝାଇବାରୁ ଶିକ୍ଷକମାନେ ଧାରଣାରୁ ଓହରିଯାଇଥିଲେ । ଏ ନେଇ ବିଇଓ ଦାସଙ୍କୁ ପଚାରିବାରୁ ଏକ ଜରୁରୀ ବୈଠକ ଥିବାରୁ ଅଫିସରୁ ମାଲକାନଗିରି ଚାଲିଆସିଥିବା ପ୍ରକାଶ କରିଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

କୁଡୁମୁଲୁଗୁମ୍ମା,୩୦।୧୧ (ଡି.ଏନ.ଏ.)– ସ୍ଥାନୀୟ ନୋଡଲ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ସରପଞ୍ଚ ପହଲା ପାଙ୍ଗି, ବିଧାୟକଙ୍କ ପ୍ରତିନିଧି ବାଳକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ବିଜ୍ଞାନମେଳା ଶିଶୁଙ୍କୁ ଭବିଷ୍ୟତ ଜୀବନରେ ଜଣେ ବୈଜ୍ଞାନିକ ହେବାର ଭିତ୍ତିଭୂମି ତିଆରି କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଜୟ କୁମାର ସାହୁଙ୍କ ଅଧକ୍ଷତାରେ ହୋଇଥିବା ଏହି ବିଜ୍ଞାନ ମେଳାରେ ପୂର୍ବତନ ବ୍ଲକ ଉପାଧକ୍ଷ ଉତ୍କଳ ଭତ୍ରା, ଏବିଇଓ ଅଞ୍ଜନ କୁମାର ଚୈଧୁରୀ,ଏବିଇଓ କୃପାସିନ୍ଧୁ ଅମ୍ବାଗୁଡିଆ, ଏବିଇଓ ହେମନ୍ତ କୁମାର ନାୟକ, ସମାଜସେବୀ ଯୁଗଳ କିଶୋର ସ୍ୱାଇଁ, ଶିକ୍ଷକ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ମହେଶ୍ୱର ମହାରଣା, ସୌମ୍ୟରଞ୍ଜନ ନାୟକ, ପ୍ରିୟମ୍ବଦା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୬୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଛି।

## ସ୍ୱାସ୍ଥ୍ୟସେବା ଦେଇଛି ପରିଚୟ

ଗୋବିନ୍ଦପାଲୀ, ୨୯।୧୧– ପରିଷ୍କାର ରହିବା, ମଶାରି ଟାଙ୍ଗି ଶୋଇବା, ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ସହ ସଂକ୍ରାମକ ରୋଗରୁ ଦୂରେଇ ରହିବାକୁ ପରାମର୍ଶ ଦେଉଛନ୍ତି ସ୍ୱାସ୍ଥ୍ୟକର୍ମୀ ନମିତା ସାହୁ। ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମାଓବାଦୀ ପ୍ରବଣ ଅଞ୍ଚଳ ବଡଦୁରାଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏପରି ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ସକାଳୁ ଲୋକଙ୍କୁ ସେବା ଯୋଗାଇବାକୁ ଔଷଧ ମୁଣା ଧରି ସେ ବାହାରି ପଡ଼ନ୍ତି । ଉକ୍ତ ପଞ୍ଚାୟତକୁ ଭଲ ରାସ୍ତା ନ ଥିବା ବେଳେ ତାଙ୍କୁ ପାହାଡ଼ ଚଢ଼ି ମଧ ଯିବାକୁ ପଡେ। ଏଥିସହ ମାଓବାଦୀଙ୍କ ଭୟ ମଧ ରହିଛି। ପ୍ରତିକୂଳ ପରିବେଶ ମଧରେ ଆଦିବାସୀଙ୍କ ସ୍ୱାସ୍ଥ୍ୟ ଚିନ୍ତା ସହ ଶିଶୁଙ୍କ ପ୍ରତି ଥିବା ଭଲପାଇବା ତାଙ୍କୁ ଏସବୁ କରିବାରେ ପ୍ରେରଣା ଯୋଗାଏ ବୋଲି କହିଛନ୍ତି ନମିତା। ତାଙ୍କ କର୍ତ୍ତବ୍ୟ ପରାୟଣତା ପାଇଁ ଉକ୍ତ ଅଞ୍ଚଳରେ ସେ ସମସ୍ତଙ୍କ ପ୍ରିୟ ଦିଦି ପାଲଟି ଯାଇଛନ୍ତି ।

## ଆଇନ ସଚେତନତା ଶିବିର

ମାଲକାନଗିରି,୩୦।୧୧(ଡି.ଏନ.ଏ.)– ମାଲକାନଗିରି ଜିଲା ପେଡାକୋଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରାଧିକରଣ ସଚିବ ଅମରେଶ ନାୟକ, ଅତିରିକ୍ତ ତହସିଲଦାର ସଦାଶିବ ଭତ୍ରା, ଡିଏସପି ଅକ୍ଷୟ କୁମାର ନାୟକ, ଆଇନଜୀବୀ ଶିଶିର କୁମାର ମହାପାତ୍ର, ସରପଞ୍ଚ ମତା ମାଡ଼କାମି, ପିଇଓ ନିଖିଲ କୁମାର ବାନାର୍ଜୀ, ପ୍ରଧାନଶିକ୍ଷକ ମାଡଶ ମାଡ଼କାମି ଓ ଅଧାପକ ରଞ୍ଜନ କୁମାର ସ୍ୱାଇଁ ଯୋଗଦେଇଥିଲେ । ସଚିବ ନାୟକ ମାଗଣା ଆଇନ ସେବା, ମଧ୍ୟସ୍ଥତା, ଓ ଆପୋସ ମିଳାମିଶା ମାଧମରେ ମାମଲାର ସମାଧାନ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ୧୦ଟି ନୂଆ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ତହସିଲଦାର ଭତ୍ରା ବିଭିନ୍ନ ରାଜସ୍ୱ ଆଇନ ତଥା ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ଉପରେ ଆଲୋକପାତ କରିଥିଲେ । ଡିଏସପି ନାୟକ ପୋଲିସ ଗରିବ ଜନସାଧାରଣଙ୍କୁ କିପରି ସେବା ଯୋଗାଇ ଦେଇପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ । ଗରିବ ଲୋକଙ୍କ ପାଖରେ କିପରି ପ୍ରାଧିକରଣର ବିଭିନ୍ନ ସମାଜ ମଙ୍ଗଳ ସେବା ପହଞ୍ଚିପାରିବ, ଆଇନଜୀବୀ, ପୋଲିସ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଏ କ୍ଷେତ୍ରରେ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅନ୍ୟ ବକ୍ତାମାନେ ପ୍ରକାଶ କରିଥିଲେ।

## ଗୋଟିଯୋଡିରେ ଅଷ୍ଟପ୍ରହର

ପାଣ୍ଡ୍ରିପାଣି,୩୦।୧୧(ଡି.ଏନ.ଏ.) ମାଲକାନଗିରି ଜିଲା ପାଣ୍ଡ୍ରିପାଣି ନିକଟ ଗୋଟିଯୋଡି ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଗୁରୁବାର ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ତ୍ରିନାଥ ମନ୍ଦିର କମିଟି ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକମରେ ଗୁନିଆଗୁଡା, ମୁକାଗୁଡା, ପାକନଗୁଡା, କୁମ୍ଭାରଗୁଡା ଗ୍ରାମର ୭ଦଳ ସଙ୍କୀର୍ତ୍ତନ ଦଳ ଭାଗ ନେଇଥିଲେ। କମିଟି ସଭାପତି ମାଝି କୁମ୍ଭାର ଓ ସମ୍ପାଦକ ବିଭ୍ରାନ ସାମଲ ପରିଚାଳନା କରିଥିଲେ। ମାଲକାନଗିରି ବିଧାୟକ ମାନସ ମାଡକାମୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ପଦ୍ମିନୀ ମୁଦୁଲି, ପୂର୍ବତନ ଏନଏସି ଅଧକ୍ଷା ଯଶୱନ୍ତ କୌର, ପାଣ୍ଡ୍ରିପାଣି ସରପଞ୍ଚ ଶିବ ଖେମୁଡୁଙ୍କ ସମେତ ଅନ୍ୟମାନେ ଅଷ୍ଟପହର ସମୟରେ ଆସିଥିଲେ।




ବେସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ତାଲିମ ଦେବା ନେଇ ସରକାର ନେଇଥିବା ନିଷ୍ପତ୍ତି ବିରୋଧରେ ବୁଧବାର ଶିକ୍ଷୟିତ୍ରୀ ଶିକ୍ଷକମାନେ ମାଲକାନଗିରିସ୍ଥିତ ଡିଆଇଇଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା

କାଲିମେଲା,୩୦।୧୧ (ଡି.ଏନ.ଏ)– ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ନିଜ ନିଜ ଦଳର ପ୍ରଚାର ପ୍ରସାର ଏବଂ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ତତ୍ପରତା ଦେଖାଦେଇଛି । ମାଲକାନଗିରି ଜିଲା କାଲିମେଲା ବ୍ଲକରେ ମଧ୍ୟ ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଭାଜପା ବ୍ଲକ ସଭାପତି ଅଶୋକ ପରିଡାଙ୍କ ନେତୃତ୍ୱରେ ଶୁକ୍ରବାର ଏମଭି–୧୧୪,ଏମଭି–୭୯ ଏମଭି–୪୫, ଏମଭି–୮୧, ୮୨, ୮୩ ଗ୍ରାମରେ ୧୨୦ + ମିଶନ ପାଇଁ ଜନପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଯୋଗ ଦେଇଥିଲେ । ମାଲକାନଗିରି ଜିଲା ପରିଷଦ ଅଧକ୍ଷ ଦଶରଥ ପଡିଆମି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାମରାଜ କବାସୀ, ନିମାଇ ପାଲ, ଶ୍ୟାମଲ ଶୁନାନି, କାଲିମେଲା ଜିଲା ପରିଷଦ ସଭ୍ୟ ସମୀର ମିସ୍ତ୍ରି, ବରିଷ୍ଠ ନେତା ନାରାୟଣ ସରକାର, ନବଘନ ଲକେଇଙ୍କ ସମେତ ବିଭିନ୍ନ ଗ୍ରାମର ମହିଳା ଓ ପୁରୁଷମାନେ ଯୋଗ ଦେଇଥିଲେ। ପଦଯାତ୍ରା ମାଧମରେ ଗ୍ରାମାଞ୍ଚଳରୁ ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶବାସୀଙ୍କ ନିମନ୍ତେ ପ୍ରଣୟନ କରାଯାଇଥିବା ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା । ରାଜ୍ୟ ସରକାରଙ୍କ ବିଫଳତା ଉପରେ ମଧ ଲୋକଙ୍କୁ ଅବଗତ କରାଯାଇଥିଲା। ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଦଳକୁ ସୁଦୃଢ଼ କରିବା ପାଇଁ ଦଳୀୟ ନେତୃବୃନ୍ଦ ପରାମର୍ଶ ଦେଇଥିଲେ ।




ଭାଜପାର ପଦଯାତ୍ରାରେ ସାମିଲ ହୋଇଥିବା କର୍ମକର୍ତ୍ତା ଓ କର୍ମୀ ।




## ■ ୩ରେ ଭିନ୍ନକ୍ଷମ ଦିବସ

# ପ୍ରସ୍ତୁତ ହେଉଛି ପ୍ରଶାସନ

ମାଲକାନଗିରି,୩୦।୧୧ (ଡି.ଏନ.ଏ.)

ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଆସନ୍ତା ୩ ତାରିଖ ଦିନ ଭିନ୍ନକ୍ଷମ ଦିବସ ପାଳନ ସମ୍ପର୍କରେ ଏକ ବୈଠକ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ଲିଙ୍ଗରାଜ ପଣ୍ଡା, ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ୭ଟି ବ୍ଲକର ବିଡିଓ ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଭିନ୍ନକ୍ଷମ ଦିବସକୁ କିପରି ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲାସ୍ତରୀୟ ସମାରୋହରେ ୫୦ ଜଣ ୧୮ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଏବଂ ପୁରୁଷ ଭିନ୍ନକ୍ଷମଙ୍କ ସହ ୧୮ ବର୍ଷରୁ କମ୍ ଦିବ୍ୟାଙ୍ଗ ମାନେ ଏଥିରେ ଅଂଶଗ୍ରହଣ କରିବେ । ସେମାନଙ୍କ ମଧରେ ଗୀତ, ନାଚ, ଚିତ୍ରାଙ୍କନ, ବକ୍ତୃତା ଏବଂ କ୍ରୀଡା ପ୍ରତିଯାଗିତା ହେବ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ମାଲକାନଗିରି ଜିଲା ପ୍ରଶାସନଙ୍କ ସହ ପୌର ପରିଷଦ ଏବଂ ମାଲକାନଗିରି ବ୍ଲକ ମିଳିତ ଭାବେ ଏହି କାର୍ଯ୍ୟକ୍ରମ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କୋରୁକୋଣ୍ଡା ବ୍ଲକ ତରଫରୁ ହେବାକୁ ଥିବା କାର୍ଯ୍ୟକ୍ରମରେ ବାଲିମେଳା ମ୍ୟୁନିସିପାଲ୍ଟି ମିଳିତ ଭାବେ ଏହି କାର୍ଯ୍ୟକ୍ରମ କରିବେ । ବିଶେଷ କରି ୧୮ ବର୍ଷରୁ ଉର୍ଦ୍ଧ ଦିବ୍ୟାଙ୍ଗ ମାନଙ୍କ ଭୋଟର ତାଲିକାରେ ନାମ ନ ଥିଲେ ନାମ ପଞ୍ଜିକରଣ ସହ ସେମାନଙ୍କୁ ମତଦାନ କେନ୍ଦ୍ରକୁ କିପରି ଭାବେ ନିଆଯିବ ସେନେଇ ଆଲୋଚନା ହୋଇଥିଲା । ସମ୍ପୃକ୍ତ ବ୍ଲକର ବିଡିଓମାନେ ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନେବେ । ପ୍ରତି ବ୍ଲକ ସଦର ମହକୁମାକୁ ଯେପରି ଦିବ୍ୟାଙ୍ଗମାନେ ଆସି କାର୍ଯ୍ୟକ୍ରମରେ ଯୋଗ ଦେବେ ତାହା ଦେଖିବାକୁ ବିଡିଓମାନଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ।



ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ବୈଠକ ।

## ସଂକ୍ଷେପରେ



### ୩ ରେ ଭାଜପାର ରାୟଗଡ଼ା ବନ୍ଦ

**ରାୟଗଡା ଅଫିସ୍, ୩୦।୧୧:** ୫ଦଫା ଦାବିନେଇ ଆସନ୍ତା ୩ ତାରିଖରେ ଭାଜପା ପକ୍ଷରୁ ୬ ଘଣ୍ଟିଆ ରାୟଗଡା ସହର ବନ୍ଦ ପାଳନ କରାଯିବ । ସକାଳ ୬ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଜରୁରୀକାଳୀନ ସେବାକୁ ବାଦଦେଇ ଅନ୍ୟ ସବୁକିଛି ବନ୍ଦ ରଖାଯିବ। ଶୁକ୍ରବାର ଭାଜପା ଯୁବମୋର୍ଚ୍ଚା ଓ ଆଦିବାସୀ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ରାୟଗଡା ସହରରେ ଏକ ବାଇପାସ ରାସ୍ତାର ଆବଶ୍ୟକତା ରହିଛି। ସହରର ପିତାମହଲ ଠାରୁ ସିରିକଣା, ବାରିଝୋଲା, ବିରନାରାୟଣପୁର, ମାଲିଗାଁ ଓ ଅମଳାଭଟ୍ଟା ଛକକୁ ବାଇପାସ୍ ରାସ୍ତା ସଂଯୋଗ କରିବା ନିମନ୍ତେ ଦାବି କରାଯାଇଛି। ବସ୍ତି ବାସିନ୍ଦାଙ୍କୁ ପଟ୍ଟା ପ୍ରଦାନରେ ଜିଲା ପ୍ରଶାସନ ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି । ମଝିଘରିଆଣୀ ମନ୍ଦିର ନିକଟ ଝଞ୍ଜାବତୀ ନଦୀ ଉପରେ ନୂତନ ପୋଲ ନିର୍ମାଣରେ ବିଳମ୍ବ, ନାଗାବଳୀ ନଦୀରେ ହାତୀପଥର ନିକଟରେ ଏକ ଡ୍ୟାମ୍ ନିର୍ମାଣ ନେଇ ଦାବି କରାଯାଇଛି। ୩ ତାରିଖ ସୁଦ୍ଧା ଏହି ଦାବି ଉପରେ ବିଚାର କରା ନ ଯାଏ ତେବେ ବନ୍ଦ ପାଳନ କରାଯିବ ବୋଲି ଘୋଷଣା କରିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ ମହାସଂଘ ଆବାହକ ବସନ୍ତ ଉଲ୍ଲାକା, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ନିଳାଦ୍ରୀ ବିହାରୀ ପାତ୍ର, ସେଖ୍ ଅବଦୁଲ ସୁବାନୀ ଓ ବାସା ମାଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

### ୧୦ ନାବାର୍ଡ ପ୍ରବନ୍ଧକଙ୍କ କ୍ଷେତ୍ର ପରିଦର୍ଶନ



**ରାୟଗଡା ଅଫିସ୍, ୩୦।୧୧:** ବିଭିନ୍ନ ରାଜ୍ୟରୁ ୧୦ ଜଣ ନାବାର୍ଡ଼ ପ୍ରବନ୍ଧକ ସ୍ୱର୍ଣ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧମରେ ପରିଚାଳିତ ବିଭିନ୍ନ ଲୋକାଭିମୁଖି କାର୍ଯ୍ୟକ୍ରମଗୁଡିକୁ ପରିଦର୍ଶନ କରିଛନ୍ତି। ଅହମ୍ମଦାବାଦ, ମୁମ୍ବାଇ, ପଞ୍ଜାବ, ପୁନେ, ଲକ୍ଷ୍ନୌ, ଗୌହାଟି, କୋଲକରା, ଜୟପୁର ଓ ଚେନ୍ନାଇରୁ ମୋଟ ୧୦ଜଣ ପ୍ରବନ୍ଧକ ଜେକେପୁର ଆସିଥିଲେ । ସ୍ୱର୍ଣ ଦ୍ୱାରା ପରିଚାଳିତ ମାଉଡିଗୁଡାର ସୌର ଜଳସେଚନ ପ୍ରକଳ୍ପ, ନାବାର୍ଡ ସହାୟତାରେ ରିଭଲକଣାରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧମରେ ଚାଲିଥିବା ଝାଡୁବନ୍ଧା କାର୍ଯ୍ୟକ୍ରମ, ଭିନ୍ନକ୍ଷମମାନଙ୍କ ପାଇଁ ଚାଲିଥିବା ଶିକ୍ଷାନୁଷ୍ଠାନ ନୂତନ ଜ୍ଞାନବର୍ଦ୍ଧନୀ ତଥା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ପରିଚାଳିତ ଛେଳିପାଳନ କାର୍ଯ୍ୟକ୍ରମଗୁଡିକୁ ବୁଲି ଦେଖିଥିଲେ । ଏଥିସହିତ ଉକ୍ତ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ଲୋକମାନଙ୍କର ଅନୁଭୂତି ବିଷୟରେ ପଚାରି ବୁଝିଥିଲେ । ସହଭାଗି ବିକାଶ ଅଭିଯାନ ନୂଆପଡା, କଳାହାଣ୍ଡି କାର୍ଯ୍ୟକ୍ରମ ପ୍ରବନ୍ଧକ ପରମାନନ୍ଦ ପ୍ରଧାନଙ୍କ ସହଯୋଗକ୍ରମେ ଏହା ପରିଚାଳିତ ହୋଇଥିଲା । ଗ୍ରାମାଞ୍ଚଳରେ ଲୋକମାନଙ୍କ ଉନ୍ନତି ନିମନ୍ତେ ଜେକେ କାଗଜକଳ ତଥା ସ୍ୱର୍ଣର ପଦକ୍ଷେପକୁ ନାବାର୍ଡର ପ୍ରବନ୍ଧକମାନେ ପ୍ରଶଂସା କରିଥିଲେ ।

### ରାୟଗଡା କଲେଜରେ ପାଠଚକ୍ର



**ରାୟଗଡା ଅଫିସ୍, ୩୦।୧୧:** ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶ୍ୱ ବ୍ୟାଙ୍କ ବିଶେଷଜ୍ଞ ଡା. ସୁସ୍ମିତ ପାଣି ମୁଖ୍ୟ ଅତିଥି, ଡି.କେ ମହାନ୍ତି, ନରେନ୍ଦ୍ର ମିଶ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । 'ନାରୀ ସଶକ୍ତିକରଣ' ସମ୍ପର୍କିତ ପାଠଚକ୍ରରେ ଆଦିବାସୀ ମହିଳାଙ୍କ ସଶକ୍ତୀକରଣ ନେଇ ଆଲୋଚନା ହୋଇଥିଲା । ଆଜିକାଲିର ନାରୀ କୌଣସି କ୍ଷେତ୍ରରେ ପଛୁଆ ହୋଇ ରହିନାହିଁ । ଅତିତରେ ନାରୀକୁ ବସ୍ତୁ ଭାବେ ବ୍ୟବହାର କରାଯାଉଥିଲା । ବର୍ତ୍ତମାନ ତାହା ପରିବର୍ତ୍ତନ ହୋଇଛି,କାରଣ ନାରୀ ଆଉ ଅବଳା ନୁହେଁ । ନାରୀ ସର୍ବଦା ସମ୍ମାନନୀୟ ବୋଲି ଅତିଥିମାନେ କହିଥିଲେ ।

# ପଞ୍ଚାୟତ କାର୍ଯ୍ୟାଳୟ, ପମ୍ପ ହାଉସ୍‌ରେ ତାଲା

**ମୁନିଗଡ଼ା,୩୦।୧୧(ଡି.ଏନ୍.ଏ.)**



ପମ୍ପ ହାଉସ ନିକଟରେ ମହିଳାମାନେ ଖାଲି ହାଣ୍ଡି ଧରି ଏକତ୍ରିତ ହୋଇଛନ୍ତି ।

**ପାନୀୟ ଜଳ ସମସ୍ୟା**
- ୫ ବର୍ଷ ହେଲା ଲାଗି ରହିଛି ପାଣି ସମସ୍ୟା
- ଖାଲି ହାଣ୍ଡି ଧରି ଶୋଭାଯାତ୍ରାରେ ଗଲେ ମହିଳା
- ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ କଲେ ବିକ୍ଷୋଭ

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ କୁମୁଡାବଲି ଗ୍ରାମର କୁମ୍ଭାରସାହିରେ ୧୫ ବର୍ଷ ହେଲା ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ । ତେଣୁ ବାଧହୋଇ ଉକ୍ତ ସାହିର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇଛନ୍ତି। ସମସ୍ତେ ଖାଲି ହାଣ୍ଡି ଧରି ସାହିରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ । ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପମ୍ପ ହାଉସ୍‌ଠାରେ ପହଞ୍ଚି ସେଠାରେ ମଧ୍ୟ ତାଲା ପକାଇଥିଲେ ।

୧୫ ବର୍ଷ ହେବ ପାଇପ୍ ଲାଇନ୍ ଯୋଗେ ଗ୍ରାମର ହରିଜନ ସାହି, ରଣା ସାହି, ବ୍ରାହ୍ମଣସାହି ଓ ଆଦିବାସୀ ସାହିକୁ ପାଣି ଯୋଗାଣ ହେଉଛି । ବର୍ତ୍ତମାନ ଦେଢ଼ବର୍ଷ ହେବ ନୂଆ ପାଣି ଟାଙ୍କି ନିର୍ମାଣ କରାଯାଇ ଗ୍ରାମର ସମସ୍ତ ସାହିକୁ ପାଣି ଯୋଗାଇ ଦିଆଯାଉଛି । ଏଥିସହ ନିକଟସ୍ଥ ପରିବା ଓ ଧାନ ଚାଷକୁ ପାଣି ଯୋଗାଯାଉଛି। ହେଲେ କୁମ୍ଭାର ସାହିକୁ ପାଣି ଆସୁନି । ତେଣୁ ବାଧ ହୋଇ ପଞ୍ଚାୟତ ଓ ପମ୍ପ ହାଉସ୍‌ରେ ତାଲା ପକାଇଲୁ । ଯେ ପର୍ଯ୍ୟନ୍ତ ଆମ ସାହିକୁ ପିଇବା ପାଣି ପାଇପ୍ ଯୋଗେ ଷ୍ଟାଣ୍ଡପୋଷ୍ଟକୁ ଆସିବ ନାହିଁ ସେ ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି କୁମ୍ଭାରସାହିର ସୁଦାମ କାଶି, ଲଳିତ କଶି,ଦେବୀ ପ୍ରସାଦ କାଶି, ଗୌଚନ୍ଦ୍ର କାଶି, ପ୍ରହ୍ଲାଦ କାଶି, କୁର୍ତ୍ତୀବାସ କାଶି ,ବାଲ କାଶି, ସୁରୁତା କାଶି, ତୁଳସା କାଶି, ପଙ୍କଜିନୀ କାଶି ପ୍ରମୁଖ ପ୍ରକାଶ କରିଛନ୍ତି । ଖବରପାଇ ମୁନିଗୁଡା ପାନୀୟ ଜଳ ଯୋଗାଣ ଏସ୍‌ଡିଓ ଜ୍ଞାନେନ୍ଦ୍ର କୁମାର ନାୟକ, କନିଷ୍ଟଯନ୍ତ୍ରୀ ଜୟରାମ ନାହାକ ଓ ପଞ୍ଚାୟତ ପିଇଓ ସୁଦର୍ଶନ ରାଓ ପ୍ରମୁଖ କୁମ୍ଭାରସାହିକୁ ଯାଇ ସାହିବାସିନ୍ଦାମାନଙ୍କୁ ବୁଝାଶୁଝା କରିଥିଲେ । ଉକ୍ତ ସାହିକୁ ପାଇପ ଲାଇନ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ବର୍ତ୍ତମାନ ପାଇପ୍‌ଗୁଡିକୁ ଟେଷ୍ଟିଙ୍ଗ୍ ପାଇଁ ପଠାଯାଇଛି । ଆଉ ୧୫ ଦିନ ମଧରେ କାମ ସରିବ ଓ କୁମ୍ଭାର ସାହିକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ମହିଳାମାନେ ପଞ୍ଚାୟତ କାର୍ଯ୍ୟାଳୟର ମୁଖ୍ୟ ଫାଟକର ତାଲା ଖୋଲିଥିଲେ ।

■ ଟ୍ୟାଙ୍କର ଧକ୍କାରେ ଯୁବକ ମୃତ ଘଟଣା

# କ୍ଷତିପୂରଣ ମିଳିବା ପରେ ହଟିଲା ରାସ୍ତାରୋକୋ

**ଟିଁକିରି,୩୦।୧୧(ଡ଼ି.ଏନ.ଏ)**

ରାୟଗଡା ଜିଲା କାଶୀପୁର ବ୍ଲକ ପୁଡୁକାବାହାଲ ପଞ୍ଚାୟତର କାଳିଆପଡା ଗ୍ରାମଠାରେ ଗତ ଗୁରୁବାର ରାତି ସାଢେ ୭ଟାରେ ଏକ ତେଲ ଟ୍ୟାଙ୍କର ଧକ୍କାରେ କବିର ସିମିଳି ନାମକ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା । କ୍ଷତିପୂରଣ ଦାବି କରି କବିତରଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଗୁରୁବାର ରାତିରୁ ରାସ୍ତାରୋକୋ କରିଥିଲେ । ଉତ୍ୟକ୍ତ ଲୋକେ ଟିଁକିରି-ରାୟଗଡା ମୁଖ୍ୟରାସ୍ତାରେ ଗଛ ପକାଇ ଟାୟାର ଜାଳି ଧାରଣାରେ ବସିଥିଲେ। ଶୁକ୍ରବାର ଟିଁକିରି ପୋଲିସ ଅଭ୍ୟର୍ଥନା ଗୃହରେ ମୃତକଙ୍କ ପରିବାର ଲୋକ, କାଶୀପୁର ବିଡିଓ ଦେବଧର ପ୍ରଧାନ ଓ ତହସିଲଦାର ସୌଭାଗ୍ୟ ବେହେରା, ଟିଁକିରି ଆରଆଇ ଅଶୋକ ବାଉରି , ଦୋରାଗୁଡା ଥାନା ଅଧିକାରୀ ଗୌରହରି ସାହୁ, ଟିଁକିରି ଥାନା ଅଧିକାରୀ ସୁଜ୍ଞାନି ସାହୁ ଓ ଟ୍ୟାଙ୍କର ମାଲିକଙ୍କୁ ନେଇ ଆଲୋଚନା ହୋଇଥିଲା । ଗାଡ଼ି ମାଲିକ ମୃତ କବିରଙ୍କ ପରିବାରକୁ ଦୁଇ ଲକ୍ଷ ଟଙ୍କା ଦେବା ପାଇଁ ନିଷ୍ପତ୍ତି ହୋଇଥିଲା । ସେ ପ୍ରଥମେ ୨୦ହଜାର ଟଙ୍କା ଦେଇଥିଲେ। ବଳକା ଟଙ୍କା କିଛିଦିନ ପରେ ଦେବା ପାଇଁ କହିଥିଲେ । ଏଥିସହ ରେଡକ୍ରସ ତରଫରୁ ୧୦ହଜାର ଓ ହରିଶ ଚନ୍ଦ୍ର ଯୋଜନାରେ ୨ ହଜାର ଦେବା ପାଇଁ ନିଷ୍ପତ୍ତି ହେବା ପରେ ଉତ୍ୟକ୍ତ ଲୋକେ ରାସ୍ତାରୋକୋରୁ ଓହରିଥିଲେ । ସେହିପରି ଆହତ ନବୀନ ନାଏକଙ୍କ ପରିବାରକୁ ୭୦ହଜାର ଟଙ୍କା ଦେବା ପାଇଁ ବୈଠକରେ ନିଷ୍ପତ୍ତିହୋଇଥିବା ବେଳେ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଦୁର୍ଘଟଣା ଘଟାଇଥିବା ତେଲ ଟ୍ୟାଙ୍କରଟି ସୁନାବେଡାର ମମତା ସାମନ୍ତରାୟଙ୍କ ବୋଲି ପୋଲିସ କହିଛନ୍ତି। ଏଣେ ସଂପୃକ୍ତ ଡ୍ରାଇଭରକୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।



ଉତ୍ୟକ୍ତ ଲୋକେ ରାସ୍ତାରୋକୋ ଚଳାଇଛନ୍ତି ।

■ ପୌର ପରିଷଦ ଦୋକାନ ଗୃହ ଭଡ଼ା ଦେବା ଅଭିଯୋଗ

# ଉପଜିଲାପାଳଙ୍କୁ ଦାବିପତ୍ର

**ଗୁଣପୁର,୩୦।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ଅଧୀନରେ ନୂତନ ଏବଂ ପୁରାତନ ବସଷ୍ଟାଣ୍ଡରେ ଶତାଧିକ ଦୋକାନ ଗୃହ ରହିଛି । ଏହି ଦୋକାନ ଗୃହଗୁଡିକ ପାଇ ଥିବା ଲୋକେ ପୌର ପରିଷଦରୁ ସେଗୁଡିକ ଲିଜ୍ ସୂତ୍ରରେ ନେଇଛନ୍ତି। ହେଲେ କେତେକ ଦୋକାନଗୁଡିକ କ୍ଷେତ୍ରରେ ଲିଜ ନିୟମ ଉଲଂଘନ ହୋଇଥିବା ଅଭିଯୋଗ ହୋଇଛି । ଏନେଇ ଯୁବ ଉନ୍ନୟନ ସଂଗଠନ ପକ୍ଷରୁ ଶୁକ୍ରବାର ଗୁଣପୁର ଉପଜିଲାପାଳ ତଥା ପୌର ପରିଷଦ ପ୍ରଶାସନିକ ଅଧିକାରୀ ଡ.ବି.ଏସ.ବଳିରାମଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନୂତନ ଏବଂ ପୁରାତନ ବସଷ୍ଟାଣ୍ଡରେ ଗରିବ ବେକାରୀ ଯୁବକଙ୍କ ଲାଗି ଦୋକାନ ଗୃହଗୁଡିକ କରାଯାଇଥିଲା । ହେଲେ ଲିଜ୍ ସୂତ୍ରରେ ନେଇଥିବା ଲୋକେ ନିଜେ ଦୋକାନ ନ କରି ଅନ୍ୟ ବ୍ୟବସାୟୀଙ୍କୁ ଭଡ଼ାରେ ଦେଇଛନ୍ତି । ସେମାନଙ୍କଠାରୁ ଲିଜଧାରୀମାନେ ମୋଟା ରକମର ଟଙ୍କା ନେଉଛନ୍ତି । ଏପରିକି ଧନିକ ଶ୍ରେଣୀର ଲୋକମାନେ ଦୋକାନ ଗୃହଗୁଡିକୁ କବଜାରେ ରଖିଥିବା ମଧ ଅଭିଯୋଗ କରିଛନ୍ତି । ତେଣୁ ଲିଜ୍ ବାତିଲ କରିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଏଥିସହ ଯେଉଁମାନେ ପ୍ରକୃତରେ ଦୋକାନ କରିଛନ୍ତି ସେମାନଙ୍କ ନାମରେ ପୁନଃ ଲିଜ୍ ଦିଆଯାଉ କିମ୍ବା ନୂତନ ଭାବେ ଲିଜ ପ୍ରକ୍ରିୟା କରାଯାଉ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି । ଅଭିଯୋଗ ଶୁଣିବା ପରେ ଘଟଣାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୃତି ଦେଇଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ଆବାହକ ଉମା ଶଙ୍କର ଦାସ, ସଂଯୋଜକ ବି.ସତିଶ କୁମାର, ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ଚିନ୍ମୟ ପାଣିଗ୍ରାହୀ ଏବଂ ପୂର୍ବତନ କାଉନସିଲର ମୁନା ପାଣି ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ଗୁରୁବାର ସଂଗଠନ ପକ୍ଷରୁ ତହସିଲଦାର ନମ୍ରତା ମୋଦୀଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା । ଗୁଣପୁର ଦେବତ୍ତୋର ବିଭାଗ ଅଧିନରେ ଥିବା ଦୋକାନ ଗୃହଗୁଡିକ କ୍ଷେତ୍ରରେ ଏକା ପରିସ୍ଥିତି । ସେଗଡିକୁ ମଧ ଲିଜ ଧାରୀମାନେ ନିଜେ ଦୋକାନ ନ କରି ଭଡ଼ା ଆକାରରେ ଦେଇଛନ୍ତି ।



ସଂଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

## ବିପର୍ଯ୍ୟୟ ପରିଚାଳନା ନେଇ ତାଲିମ

**ରାୟଗଡା ଅଫିସ୍, ୩୦।୧୧**

ପିତାମହଲସ୍ଥିତ ସେଞ୍ଚୁରିଆନ ୟୁନିଭରସିଟି ପରିସରରେ ୟୁଥ୍ ରେଡ୍‌କ୍ରସ୍ ପକ୍ଷରୁ ୩ ଦିନିଆ ଶିକ୍ଷା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ବନ୍ଧୁତ୍ୱପୂର୍ଣ୍ଣ ଓ ନିଃସ୍ୱାର୍ଥପର ହୋଇ ସେବା କରିବା ଏବଂ ରେଡକ୍ରସ୍ ସୈନିକ ଭାବି ଦେଶର ବିପତି ବେଳେ ସାମିଲ ହେବାକୁ ସେ ଆହ୍ୱାନ କରିଥିଲେ । ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀ, ୟୁନିଭରସିଟି ଆଞ୍ଚଳିକ ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ, ଜିତମ ବୈଷୟିକ ମହାବିଦ୍ୟାଳୟ ଅଧକ୍ଷା ଚନ୍ଦନା ଅଧିକାରୀ, ୟୁଥ୍ ରେଡକ୍ରସ୍ ସଂଯୋଜକ ପ୍ରଶାନ୍ତ ପଣ୍ଡା ଓ ସମ୍ପାଦକ ତଥା ଆବାହକ ଏ.ଶ୍ରୀନିବାସ ଆଚାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲାର ୭ଟି ମହାବିଦ୍ୟାଳୟରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ପ୍ରଥମ ଦିନରେ ବ୍ୟକ୍ତିଗତ ବିକାଶ, ବିପର୍ଯ୍ୟୟ ପରିଚାଳନା ନେଇ ତାଲିମ ଦିଆଯାଇଥିଲା । ସେହିପରି ଦ୍ୱିତୀୟ ଦିନରେ ଅଞ୍ଚଳ ଭ୍ରମଣ ଓ ରେଡକ୍ରସ୍‌ର ନିୟମାବଳୀ, ତୃତୀୟ ଦିନରେ ସଡକ ସୁରକ୍ଷା ଓ ଯୋଗ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ ।

# କଂଗ୍ରେସର ଜନଜାଗରଣ ଯାତ୍ରା

**ରାୟଗଡା ଅଫିସ୍/ମୁନିଗୁଡ଼ା, ୩୦।୧୧(ଡ଼ି.ଏନ.ଏ)**

ବିଜେଡି ଓ ଭାଜପା ସାଧାରଣ ଲୋକ ଅପେକ୍ଷା ଶିଳ୍ପପତିଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ବେକାରୀ ସଂଖ୍ୟା ବଢ଼ିଚାଲିଥିବା ବେଳେ ନିଯୁକ୍ତିର ନାଗନ୍ଧ ନାହିଁ । ଚାଷୀଙ୍କ ପ୍ରତି ଅବିଚାର କରି ସବୁକିଛି ପୁଞ୍ଜିପତିଙ୍କ ହାତରେ ଉଭୟ ସରକାର ଟେକି ଦେଲେଣି । ଆଦିବାସୀ ଲୋକଙ୍କ ଜୀବନ ଜୀବୀକା ପ୍ରତି କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । କଂଗ୍ରେସର ଜନଜାଗରଣ ଯାତ୍ରାରେ ଯୋଗଦେଇ ଏହିଭଳି ଅନେକ ଅଭିଯୋଗ ଆଣି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ସ୍ଥାନୀୟ ଲାୟନ୍ସ କ୍ଲବ୍ ପରିସରରେ ଆୟୋଜିତ ସମ୍ମିଳନୀରେ ଯୋଗଦେଇ କଂଗ୍ରେସ ହେଉଛି ଗିରବ ଲୋକଙ୍କ ଦଳ । ସର୍ବଦା ଗରିବ ଓ ଚାଷୀଙ୍କ ସ୍ୱାର୍ଥପ୍ରତି ଦଳ ଅଗ୍ରାଧିକାର ଦେଇଛି । ତେଣୁ ବର୍ତ୍ତମାନ କ୍ଷମତାରେ ୧୮ବର୍ଷ ହେବ ବସିଥିବା ରାଜ୍ୟ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ସେ ଆହ୍ୱାନ ଜଣାଇଥିଲେ । ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗାପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଜନଜାଗରଣ ସମାବେଶରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପିସିସି ଉପସଭାପତି ସଦନ ନାୟକ, ପିସିସି ସାଧାରଣ ସମ୍ପାଦକ ଆପ୍ଫୁଲସ୍ୱାମୀ କାଡ୍ରାକା, ଅଜିତ ଦାସ, ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ରଘୁନାଥ ପାତ୍ର, ପୂର୍ବତନ ବିଧାୟକ ଉମ୍ବରୁଧର ଉଲ୍ଲାକା, ଶଙ୍କର୍ଷଣ ମଙ୍ଗରାଜ, ସୁନୀଲ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ପଣ୍ଡା, ନନ୍ଦକିଶୋର ଚୌଧୁରୀ, ବରିଷ୍ଠ ନେତା ବିଜୟ ଗମାଙ୍ଗ ପ୍ରମୁଖ ସାମିଲ ହୋଇଥିଲେ । ପରେ ମୁନିଗୁଡାଠାରେ ଜନଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମୁନିଗୁଡା କଂଗ୍ରେସ କମିଟିର ଚନ୍ଦ୍ରଶେଖର ବେହେରା, ନରସିଂହ ବେହେରା ଉମ୍ବରୁଧର ଶତପଥୀ, ସିପୁନ ଶତପଥୀ, କେଶବ ସାହୁକାର, ପରମାନନ୍ଦ ବନ୍ଛର, ଶ୍ରୀଧର କରଡା ପିସିସି ସଭାପତି ପଟ୍ଟନାୟକଙ୍କୁ ସ୍ୱାଗତ ଜଣାଇ ସ୍ଥାନୀୟ ଗୋବର୍ଦ୍ଧନ ହନୁମାନ ମନ୍ଦିରରୁ ଏକ ଶୋଭାଯାତ୍ରାରେ ବାହାରୀ ସହର ପରିକ୍ରମା କରଥିଲେ । ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ ।



ମୁନିଗୁଡ଼ାରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସହ ଅନ୍ୟମାନେ ।





ଉପ ଜିଲାପାଳ ପତାକା ଦେଖାଇ ପ୍ରଚାର ରଥ ଉଦ୍‌ଘାଟନ କରୁଛନ୍ତି ।

## ପ୍ରଚାର ରଥ ଉଦ୍‌ଘାଟିତ

**ଗୁଣପୁର,୩୦।୧୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ନିୟନ୍ତ୍ରିତ ବଜାର କମିଟି ପରିସରରେ ଚାଷୀମାନଙ୍କ ସଚେତନତା ଉପଲକ୍ଷେ ଏକ ପ୍ରଚାର ରଥ ଶକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗୁଣପୁର ଉପଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ଡ.ବି.ଏସ.ବଳିରାମ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଚାର ରଥକୁ ଉଦ୍‌ଘାଟନ କରିଥିଲେ । ସଶ୍ୟ ସୁରକ୍ଷା ଅଧିକାରୀ ପ୍ରଦୀପ ନାୟକ, କୃଷିଜିଲା ଅଧିକାରୀ ବିଜୟ କୁମାର ସରେନ, ନିୟନ୍ତ୍ରିତ ବଜାର କମିଟି ସଂପାଦକ ବିନୋଦ ବିହାରି ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଆସନ୍ତା ୫ ତାରିଖରୁ ଧାନ ଏବଂ କପା ସଂଗ୍ରହ କରାଯିବ । ଚାଷୀଙ୍କ ସଚେତନ କରାଯିବା ଉଦ୍ଦେଶ୍ୟରେ ଏହି ରଥ ବାହାରିଥିବା ଅଧକ୍ଷ ବଳିରାମ ସୂଚନା ପ୍ରଦାନ କରିଛନ୍ତି । ନିୟନ୍ତ୍ରିତ ବଜାର କମିଟି, ଯୋଗାଣ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଆଦିବାସୀ ମେଳା ପ୍ରସ୍ତୁତି ବୈଠକ

**ରାମନାଗୁଡ଼ା, ୩୦।୧୧(ଡି.ଏନ୍.ଏ.)**

ଶୁକ୍ରବାର ରାୟଗଡା ଜିଲା ରାମନାଗୁଡା ବ୍ଲକ ସଭାଗୃହରେ ସ୍ୱତନ୍ତ୍ର ଆଦିବାସୀ ଉନ୍ନୟନ ପରିଷଦର ଆଦିବାସୀ ମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ଲୋକ କଳା ଏବଂ ସଂସ୍କୃତିକୁ ଲୋକ ଲୋଚନକୁ ଆଣିବା ଏହି ମେଳାର ମୁଖ୍ୟ ଲକ୍ଷ୍ୟ । ସେମାନଙ୍କର ଚାଲିଚଳଣୀ, ଚାଷବାସ, ହାତତିଆରି ସରଞ୍ଜାମ, ଜଡ଼ିବୁଟି ଆଦି ଜ୍ଞାନକୁ ଲୋକଙ୍କ କାମରେ ଲଗାଇବା ନେଇ ଆଲୋଚନା କରାଯାଇଛି । ରାମନାଗୁଡା ବ୍ଲକ ପ୍ରଶାସନ ତରଫରୁ ଆସନ୍ତା ୭ ତାରିଖରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏଥିରେ ୭ଟି ଆଦିବାସୀ ଲୋକକଳାର ଗ୍ରୁପ୍ ଭାଗନେବେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ, ଅଙ୍ଗନୱାଡ଼ି, ଉଦ୍ୟାନ, କୃଷି ଆଇଟିଡିଏ, ସାଧାରଣ ବଣ୍ଟନ, ମିଶନଶକ୍ତି, ଓରମାସ, ଦକ୍ଷତାବୃଦ୍ଧି, ବ୍ଲକ ପ୍ରଶାସନ, ସ୍ୱୟଂସହାୟକ ଗୋଷ୍ଠୀଗୁଡିକର ମୋଟ ୧୦ଟି ଷ୍ଟଲ ଖୋଲାଯିବ । ଏହି ପ୍ରସ୍ତୁତି ବୈଠକରେ ବ୍ଲକ ଅଧକ୍ଷା ରଜନୀ ମାଣ୍ଡାଙ୍ଗି ଅଧକ୍ଷତା କରିଥିଲେ । ଡବ୍ଲ୍ୟୁଇଓ ଜୟଶ୍ରୀ ବିଷୋୟୀ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ, ବିପିଏମ୍ କମଳାକର ରାଓ କୃପାକର ବାଣିପିସି, ଜିପିଇଓ ପ୍ରଭାତ ଶତପଥୀ ମଞ୍ଚାସୀନ ଥିଲେ । ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମଚାରୀ ଯୋଗ ଦେଇଥିଲେ ।



ପ୍ରସ୍ତୁତି ବୈଠକରେ ଯୋଗ ଦେଇଥିବା ଅତିଥି ।

■ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ସମାରୋହ

# ଆଦିବାସୀ ନୃତ୍ୟରେ ଝୁମିଲେ ଦର୍ଶକ

**ଚନ୍ଦ୍ରପୁର, ୩୦।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ପରିସରରେ ଶୁକ୍ରବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ରାୟଗଡ଼ା ତରଫରୁ ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଆଦିବାସୀ, ହରିଜନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଆଦିବାସୀ ସଂସ୍କୃତି, ଲୋକକଳା, ନୃତ୍ୟ, ସଙ୍ଗୀତ, ପରମ୍ପରା ଦିନକୁ ଦିନ ଲୋପ ପାଇବାରେ ଲାଗିଛି । । ଆଦିବାସୀ କଳା ସଂସ୍କୃତି ଯେପରି ଉଜ୍ଜୀବିତ ହୋଇ ରହିବ । ଆଦିବାସୀମାନଙ୍କ ସଂସ୍କୃତି, କଳାର ବିକାଶ ଓ ଲୁକାୟିତ ପ୍ରତିଭାଗୁଡିକ ଯେପରି ଲୋକଲୋଚନକୁ ଆସିବ, ଆଦିବାସୀ ଭାଷା, ସଂସ୍କୃତିର ପ୍ରସାର, ପ୍ରଚାର ବହୁଳ ମାତ୍ରାରେ ହୋଇପାରିବ ସେ ସମ୍ପର୍କରେ କହିଥିଲେ । ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ, ଦେଶିଆ ନୃତ୍ୟ ପରିବେଷଣ ହୋଇଥିଲା । ଏଥିସହ ଆଦିବାସୀ ଆଞ୍ଚଳିକ ବାଦ୍ୟ ବଜାଇ ବିଭିନ୍ନ ଗ୍ରୁପ ମାଧମରେ ଅନୁସୂଚିତ ଜନଜାତି, ଜାତିର ଛାତ୍ରୀଛାତ୍ର ପରିବେଷଣ କରିଥିଲେ । ଆଦିବାସୀଙ୍କ ଏହି ନୃତ୍ୟ ଦେଖି ଲୋକେ ଝୁମିଥିଲେ । ଏଥିରେ ସମ୍ମାନିତ ଅତିଥି ଭାବେ ଗୁଣପୁର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗୋରାଚାନ୍ଦ ଗମାଙ୍ଗ, ବିଦ୍ୟାଭୂଷଣ ମହାନ୍ତି, ବ୍ଲକ ଅଧକ୍ଷା ସଙ୍ଗିତା ପ୍ରତିଙ୍ଗା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଳ ବିଶୋଇ, ଚନ୍ଦ୍ରପୁର ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର ଜେନା, ବରିଷ୍ଠ ଶିକ୍ଷକ ସୁଶିଲ କୁମାର ସେନାପତି, ପ୍ରମୋଦ ସାହୁକାର, ଜାମି ଗୁରୁନାଥ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପ୍ରତାପ ଚୌଧୁରୀ ସଂଯୋଜନା କରିଥିଲେ । ଏହି ଅବସରରେ ଚନ୍ଦ୍ରପୁର ବ୍ଲକ ପରିସରରେ ବିଭିନ୍ନ ଷ୍ଟଲ୍ ନିର୍ମାଣ କରାଯାଇଥିଲା । ଏଥିରେ ଫଟୋଚିତ୍ର ପ୍ରଦର୍ଶିତ କରି ସଚେତନ କରାଯାଇଥିଲା ।



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଉଛି ।

ଧରିତ୍ରୀ
DHARITRI
ରାୟଗଡ଼ା, ଶନିବାର, ୧ ଡିସେମ୍ବର,୨୦୧୮



**ସଂକ୍ଷେପରେ**

## ନିଃସଙ୍ଗ ଜୀବନର ସାଥୀ ଡୁଙ୍ଗଡୁଙ୍ଗା



ବୈପାରୀଗୁଡ଼ା,୩୦।୧୧(ଡି.ଏନ୍.ଏ.): ବୟସ ପ୍ରାୟ ୬୫ ଟପିଲାଣି । ମୁଣ୍ଡବାଳ ଦାଢ଼ି ନିଶ ସବୁ ପାଚିଗଲାଣି । କାନ୍ଧରେ ଏକ ଜରି ବ୍ୟାଗ୍‌ରେ ଝୁଲୁଛି ନିତ୍ୟ ବ୍ୟବହାର୍ଯ୍ୟ ଲୁଗାପଟା । ଏକଲା ବେସାହାରା ଯାଯାବର ଜୀବନ ବିତାଉଥିବା ଏହି ବୃଦ୍ଧଙ୍କ ସାଥୀ ପାଲଟିଛି ଡୁଙ୍ଗଡୁଙ୍ଗା। କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ଗ୍ରାମର ଧନ ହରିଜନ। ବହୁ ଦିନ ତଳୁ ପତ୍ନୀ ଆରପାରିକୁ ଚାଲିଯିବା ପରେ ଗୋଟିଏ ମାତ୍ର ଝିଅ ବାହାହୋଇ ଅନ୍ୟତ୍ର ଘର ସଂସାର କରି ରହୁଛି । ଗାଁରେ ଧନଙ୍କୁ ସରକାରୀ ଘର ଖଣ୍ଡିଏ ମିଳିଛି । ବାର୍ଦ୍ଧକ୍ୟ ଭତ୍ତା ମଧ ମିଳୁଛି । ଚାଷ ଜମି କିମ୍ବା ଅନ୍ୟ କୌଣସି ରୋଜଗାର ପନ୍ଥା ନାହିଁ। ନିଃସଙ୍ଗ ଜୀବନର ଦୁଃଖକୁ ଲାଘବ କରୁଛି ଏହି ପାରମ୍ପରିକ ଆଦିବାସୀ ବାଦ୍ୟଯନ୍ତ୍ର। ମାସକୁ ପ୍ରାୟ ୨୦ ଦିନ ବାହାରେ ବୁଲି ଡୁଙ୍ଗଡୁଙ୍ଗା ବଜାଇ ଦରଦ ଭରା କଣ୍ଠରେ ଗୀତ ଗାଇ ଅନ୍ୟମାନଙ୍କୁ ଖୁସି କରନ୍ତି । ଯାହା ରୋଜଗାର କରନ୍ତି, ସେଥିରେ ଚଳିଯାନ୍ତି। ୨୭ ବର୍ଷ ହେବ ସେ ଡୁଙ୍ଗଡୁଙ୍ଗା ବଜାଇ ଗୀତ ଗାଉଥିବା ଧନ ପ୍ରକାଶ କରିଛନ୍ତି। ଲାଉ ଖୋଳ, ଗୋଧି ଚମଡ଼ା ଓ ସରୁ ତାରରେ ସେ ଏହି ବାଦ୍ୟ ଯନ୍ତ୍ରକୁ ନିଜେ ତିଆରି କରିଥାନ୍ତି। ଏବେ ଏହି ପାରମ୍ପରିକ ଆଦିବାସୀ ବାଦ୍ୟ ଲୋପ ପାଇଆସୁଥିବା ବେଳେ ଧନ ଏହାକୁ ଉଦ୍‌ଜୀବିତ କରି ରଖିଛନ୍ତି। ତାଙ୍କୁ କଳାକାର ଭତ୍ତା ଦେବା ପାଇଁ ସେ ନିବେଦନ କରିଛନ୍ତି।

## ନୂତନ ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ



ସେମିଳିଗୁଡ଼ା,୩୦।୧୧(ସ୍ୱ.ପ୍ର.)- କୋରାପୁଟ ଜିଲା ସେମିଳିଗୁଡ଼ା ବନାଞ୍ଚଳରେ ଡେପୁଟୀ ରେଞ୍ଜର ଜଗନ୍ନାଥ ପ୍ରସାଦ ବିଷୋଇ ନୂତନ ବନାଞ୍ଚଳ ଅଧିକାରୀ ଭାବେ ଶୁକ୍ରବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପୂର୍ବତନ ବନାଞ୍ଚଳ ଅଧିକାରୀ ହେମନ୍ତ ଚନ୍ଦ୍ର ପ୍ରଧାନ ଅବସର ନେବା ପରେ ସେମିଳିଗୁଡ଼ା ବନାଞ୍ଚଳ ଅଧିକାରୀ ଭାବେ ବିଷୋଇ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ବନାଞ୍ଚଳ ଅଧିକାରୀ ଦାୟିତ୍ୱ ସୁରୁଖୁରୁରେ ସମ୍ପାଦନ କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ଆସ୍ଥାଭାଜନ ହୋଇପାରିଥିଲେ। ପୂର୍ବ ବନାଞ୍ଚଳ ଅଧିକାରୀଙ୍କ ଭଳି ଦାୟିତ୍ୱବାନ ହୋଇକାର୍ଯ୍ୟ କରିବେ ବୋଲି ନୂତନ ବନାଞ୍ଚଳ ଅଧିକାରୀ ବିଷୋଇ ପ୍ରକାଶ କରିଛନ୍ତି ।

## ସାମାଜିକକର୍ମୀଙ୍କ ଅକାଳ ବିୟୋଗ

ବୋରିଗୁମ୍ମା,୩୦।୧୧(ଡି.ଏନ.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳର ମେରିଆମାର୍ଗ ବାସିନ୍ଦା ତଥା କ୍ରୀଡ଼ା ସଂଗଠକ ଅଭିମନ୍ୟୁ ପଡାଲଙ୍କ ଅକାଳ ବିୟୋଗ ହୋଇଛି। ଶୁକ୍ରବାର ଅପରାହ୍ନରେ ହଠାତ ଅଭିମନ୍ୟୁଙ୍କ ଛାତିରେ ଯନ୍ତ୍ରଣା ହେବାରୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୋରିଗୁମ୍ମା ଅଞ୍ଚଳରେ ହେଉଥିବା ଫୁଟବଲ, ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଅଭିମନ୍ୟୁଙ୍କ ସହଯୋଗ ରହୁଥିଲା।

# ୧୫ ବର୍ଷରେ ଆଖି ବୁଜିଲେଣି ୪୪୭

### ଜିଲାର ରେଡ୍‌ଜୋନରେ ଜୟପୁର, କୋରାପୁଟ, ସେମିଳିଗୁଡ଼ା

କୋରାପୁଟ,୩୦।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା କମୁ ନଥିବା ବେଳେ ସେମାନଙ୍କ ସାମାଜିକ ଜୀବନ ଅସହ୍ୟ ହୋଇପଡୁଛି। ବିଶେଷ କରି ଜିଲାର ଜୟପୁର, କୋରାପୁଟ ଓ ସେମିଳିଗୁଡ଼ା ବ୍ଲକରେ ଏଡ୍‌ସ ରୋଗୀଙ୍କ ସଂଖ୍ୟା ଅଧିକ ଥିବାବେଳେ ସେମାନଙ୍କୁ ସମାଜରେ ସମ୍ମାନର ସହ ବଞ୍ଚିବାର ଆବଶ୍ୟକତା ରହିଛି। ଏଥିପାଇଁ ସାମାଜିକ ସ୍ତରରେ ଅଧିକ ସଚେତନତା ଲୋଡ଼ା।

କୋରାପୁଟ ଜିଲାରେ ୨୦୦୩ରୁ ଏଯାବତ୍ ୪୪ ହଜାର ୮୭୭ ଜଣଙ୍କୁ କାଉନସେଲିଂ କରାଯାଇଥିବା ବେଳେ ୪୩ ହଜାର ୧୨୧ ଜଣଙ୍କ ରକ୍ତ ନମୁନା ପରୀକ୍ଷା କରାଯାଇଥିଲା। ଏହି ସମୟସୀମା ମଧ୍ୟରେ ୧୭୨୦ ଜଣଙ୍କ (ପୁରୁଷ ୯୬୧ ଜଣ, ମହିଳା ୭୫୯ ଜଣ) ରୋଗୀଙ୍କ ରକ୍ତରେ ଏଚ୍‌ଆଇଭି ଭୁତାଣୁ ରହିଥିବା ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୪୭ ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ଏଡସ ସେଲ ପକ୍ଷରୁ ସୂଚନା ମିଳିଛି। ମୃତ ବ୍ୟକ୍ତିମାନଙ୍କ ମଧ୍ୟରେ ୩୦୭ ଜଣ ପୁରୁଷ ଓ ୧୪୦ ଜଣ ମହିଳା ରହିଛନ୍ତି। ଚଳିତ ବର୍ଷ ଏଯାବତ୍ ୬୦ ଜଣ ପୁରୁଷ ଓ ୪୭ ଜଣ ମହିଳାଙ୍କ ରକ୍ତ ନମୁନା ପଜିଟିଭ ରହିଛି। ଅନ୍ୟପକ୍ଷରେ ଏଯାବତ୍ ୮୯୦ ଜଣ ଏଡ୍‌ସ ରୋଗୀଙ୍କୁ




**ଆଜି ବିଶ୍ୱ ଏଡ୍‌ସ ଦିବସ**

ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇଥିବା ସିଡିଏମ୍‌ଓ ଲଳିତ ମୋହନ ରଥ ପ୍ରକାଶ କରିଛନ୍ତି। ସେହିପରି ଏହି ସମୟସୀମା ମଧ୍ୟରେ କୋରାପୁଟ ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲା ସଦର ମହକୁମା ଡାକ୍ତରଖାନାରେ ଜିଲା ଓ ବାହାରର ମୋଟ ୨୪୮୦ ଜଣ ରୋଗୀ (ପୁରୁଷ ୧୪୦୩ ଜଣ, ମହିଳା ୧୦୭୭ ଜଣ) ଚିହ୍ନଟ ହୋଇଛନ୍ତି। ସେଥିରୁ ୫୯୦ ଜଣଙ୍କ ମୃତ୍ୟୁ ହୋଇଛି । ସେଥିମଧ୍ୟରେ ୩୯୫ ଜଣ ପୁରୁଷ ଓ ୧୯୫ ଜଣ ମହିଳା ରହିଛନ୍ତି। ୨୦୦୩ରେ ଏଚ୍‌ଆଇଭି ପଜିଟିଭ ରୋଗୀ ୧୭.୯୦ ପ୍ରତିଶତ ଥିବାବେଳେ ୨୦୧୮ରେ ଏହି ପ୍ରତିଶତ ୦.୨୫ ପ୍ରତିଶତକୁ ହ୍ରାସ ଘଟିଥିବା ଜିଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଜଣାଯାଇଛି।



ଧାରଣାସ୍ଥଳରେ ପ୍ରଶାସନ ତରଫରୁ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରାଯାଉଛି ।

■ ଉପଖଣ୍ଡ ଚିକିତ୍ସାଳୟ ଦାବିରେ ଧାରଣା

## ପ୍ରଶାସନର ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ବୋରିଗୁମ୍ମା,୩୦।୧୧(ଡି.ଏନ.ଏ.)

ଜୟପୁରଠାରେ ବନ୍ଦ ହୋଇରହିଥିବା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୋରିଗୁମ୍ମା ସ୍ଥାନାନ୍ତର କରି ଉପଖଣ୍ଡ ମାନ୍ୟତା ପ୍ରଦାନ ଦାବିରେ କୋରାପୁଟ ଜିଲା ଯୁବକ ସଙ୍ଗଠନ ପକ୍ଷରୁ ସୋମବାରଠାରୁ ସ୍ଥାନୀୟ ଛକଠାରେ ଦିଆଯାଇଥିବା ଗଣଧାରଣା ଶୁକ୍ରବାର ଜିଲା ପ୍ରଶାସନର ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଭୁ ପ୍ରସାଦ ପଣ୍ଡା ଏକ ମାସ ମଧ୍ୟରେ ଶିଶୁ ଓ ପ୍ରସୂତି ବିଶେଷଜ୍ଞ ପଦବୀ ପୂରଣ ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ଲଡ୍ ବ୍ୟାଙ୍କ , ଏକ୍ସରେ', ୟୁଏସ୍‌ଜି , ଏମ୍‌ସିଏସ୍ ୱାର୍ଡ଼, ଏସ୍‌ଏନ୍‌ସିୟୁ , ମୃତଦେହ ବ୍ୟବଚ୍ଛେଦ ଗୃହ ସ୍ଥାପନ ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଯୁବକ ସଂଗଠନ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ବର୍ତ୍ତମାନ ସମ୍ଭବପର ନୁହେଁ ବୋଲି ପରୋକ୍ଷରେ ସୂଚାଇ ଦେଇଥିଲେ। ପ୍ରଶାସନ ପ୍ରତିଶ୍ରୁତି ପୂରଣ ନ କଲେ ପୁଣି ଆନ୍ଦୋଳନ ଡାକରା ଦିଆଯିବ ବୋଲି ଯୁବକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।

■ ମଦ ବିକ୍ରି ବନ୍ଦ କରିବା ଦାବି

## ବିଧାୟକଙ୍କୁ ଭେଟିଲେ ଶତାଧିକ ମହିଳା



ବିଧାୟକଙ୍କୁ ଭେଟିବାକୁ ଆସିଥିବା ମହିଳାମାନେ ।

ଚାନ୍ଦିଲି(କୋଟପାଡ଼),୩୦।୧୧ (ଡି.ଏନ.ଏ.)–

କୋଟପାଡ଼ ବ୍ଲକ୍ ଅନ୍ତର୍ଗତ ବଡ଼ାସନା ପଞ୍ଚାୟତର ଖଟଲାଗୁଡ଼ା, ଗୁନିଆଗୁଡ଼ା ଓ ବଡ଼ାସନା ଗ୍ରାମର ଶତାଧିକ ମହିଳା ମଦବିକ୍ରି ବନ୍ଦ କରିବା ନେଇ ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝିଙ୍କୁ ଭେଟି ଅଭିଯୋଗ କରିବା ସହିତ ଦାବିପତ୍ର ଦେଇଛନ୍ତି। ମହିଳାମାନେ ଗ୍ରାମଗୁଡ଼ିକରେ ଖୁଲମ୍‌ଖୋଲ ଖୁଚୁରା ମଦ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି। ମଦପିଇ ପୁରୁଷମାନେ କାମଧନ୍ଦା ଛାଡ଼ି ବିଭିନ୍ନ ଅନୈତିକ କାର୍ଯ୍ୟ ଏବଂ ଗଣ୍ଡଗୋଳରେ ମାତୁଛନ୍ତି। ଏପରିକି ଏହି ଗ୍ରାମଗୁଡ଼ିକରେ କମ୍ ବୟସର ପିଲାମାନେ ମଧ ମଦପିଇ ମାତାଲ ହୋଇ ବୁଲୁଥିବା ଦ୍ୱାରା ମହିଳାମାନେ ଚିନ୍ତାରେ ପଡ଼ିଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ମହିଳାମାନେ ମଦ ବିକ୍ରି ବନ୍ଦ କରିବା ନିମନ୍ତେ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ କୋଟପାଡ଼ ଅବକାରୀ ନିରୀକ୍ଷକ, ଥାନା ଅଧିକାରୀ ଏବଂ କୋରାପୁଟ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ମହିଳାମାନେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ବିଗତ ଦିନରେ କୋଟପାଡ଼ ଅବକାରୀ ସବ୍‌ଇନ୍‌ସପେକ୍ଟର ଭିଜିଲାନ୍ସ ଜାଲରେ ପଡ଼ିବା ପରଠାରୁ କୋଟପାଡ଼ ଅଞ୍ଚଳରେ ଅବକାରୀ ଧରପଗଡ଼ ଏକପ୍ରକାର ବନ୍ଦ ହୋଇପଡ଼ିଛି। ପୋଲିସ ପକ୍ଷରୁ କାଁ ଭାଁ ଚଢ଼ଉ କରାଯାଉଥିଲେ ହେଁ ଥାନାରୁ ଅଭିଯୁକ୍ତମାନଙ୍କୁ ଛାଡ଼ି ଦିଆଯାଉଛି। ଏଭଳି ପରିସ୍ଥିତିରେ ଦିନକୁ ଦିନ ମଦ ବିକ୍ରି ବଢୁଥିବା ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅବକାରୀ ବିଭାଗୀୟ ଅଧିକାରୀ ଏବଂ ଜିଲାପଳଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିବା ମହିଳାମାନେ କହିଛନ୍ତି।

## ଗଞ୍ଜେଇ ଜବତ, ୩ ଗିରଫ

କୋରାପୁଟ, ୩୦।୧୧(ସ୍ୱ.ପ୍ର.)

କୋରାପୁଟ ଟାଉନ ପୋଲିସ ଶୁକ୍ରବାର ସ୍ଥାନୀୟ ଷ୍ଟେସନରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଚଢ଼ାଉ କରିଛି। ଏଥିରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୩ଟି ବ୍ୟାଗ୍ ଭର୍ତ୍ତି ଗଞ୍ଜେଇ ଜବତ ହୋଇଛି। ଗିରଫ ୩ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ରାଜ୍ୟ ଗାଜିଆବାଦର ରାଜେଶ କୁମାର (୨୦), ଆଲିଗଡ଼ର ମୋନିକା ତ୍ରିବେଦୀ ଏବଂ ବିହାରର ସାନ୍ତୁ କୁମାର(୨୩) । ଏହି ୩ ଜଣ ୩ଟି ବ୍ୟାଗ୍‌ରେ ଗଞ୍ଜେଇ ନେଇ ଦୁର୍ଗ ଏକ୍ସପ୍ରେସରେ ରାୟପୁର ଚାଲାଣ କରୁଥିଲେ। ଏହି ଖବର ପାଇ ଟାଉନ ପୋଲିସ ଷ୍ଟେସନରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋରାପୁଟ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା।

## ଷ୍ଟେଶନରୁ କାର୍ ଚୋରି, ଥାନାରେ ଏତଲା

କୋରାପୁଟ,୩୦।୧୧(ସ୍ୱ.ପ୍ର.)

କୋରାପୁଟ ସହରର ପରଜା ସାହିରୁ ଗୁରୁବାର ବିଳମ୍ବିତ ରାତିରେ ଏକ ମାରୁତି ସୁଇଫ୍ଟ ଡିଜାୟାର (ଓଡ଼ି୧୦ ଡି ୬୫୧୫) ଚୋରି ହୋଇଛି । ଏନେଇ ଗାଡ଼ି ମାଲିକ ସି.ଏଚ୍. ସୁଧାଂଶୁ କୁମାର ସୁବୁଦ୍ଧି କୋରାପୁଟ ଟାଉନ ଥାନାରେ ଏତଲା ଦେଇଛନ୍ତି। ସେହିପରି ଗୁରୁବାର ଅପରାହ୍ନରେ କୋରାପୁଟ ଲାଣ୍ଡିଗୁଡ଼ାରୁ ଜଣେ ଶିକ୍ଷକଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଲୁଟ ହୋଇଥିଲା। ୨ ଦିନରେ ୨ଟି ଚୋରି ଓ ଲୁଟ୍ ଘଟଣା ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି। ବିଭିନ୍ନ ସ୍ଥାନରେ ପୋଲିସ ସିସିଟିଭି ଲାଗାଇଥିଲେ ମଧ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଅଧିକାଂଶ ସିସିଟିଭି ଏବେ ଅଚଳ ହୋଇପଡ଼ିଛି । ବିଭାଗ ଏହାର ମରାମତି କରୁ ନ ଥିବାରୁ ଚୋର ତଥା ଅସାମାଜିକଙ୍କୁ ଏହା ସୁହାଉଛି।

## ସାହି ଜୁଆଆଡ୍ଡାରେ ଚଢ଼ାଉ, ୩ ଗିରଫ

ଜୟପୁର,୩୦।୧୧(ନି.ପ୍ର.):

ଜୁଆ ଆଡ୍ଡାରେ ଖେଳ ଚାଲିଥିବା ବେଳେ ଗୁରୁବାର ବିଳମ୍ବିତ ରାତିରେ ଜୟପୁର ଟାଉନ ପୋଲିସ ଚଢ଼ାଉ କରିଛି। ଗୋଡ଼ିଆ ଧୋବାସାହିରେ ଏହି ଖେଳ ଚାଲିଥିଲା। ଏଥିରେ ୩ ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୨୩ ଶହ ଟଙ୍କା,୨ଟି ମୋବାଇଲ ଜବତ କରିଛି । ଅନ୍ୟ ଜୁଆଡିମାନେ ପୋଲିସକୁ ଦେଖି ଚମ୍ପଟ ମାରିଥିଲେ। ମାମଲା ରୁଜୁକରି ଏସ୍‌ଆଇ ସଞ୍ଜୟ ମଣ୍ଡଳ ଏହାର ତଦନ୍ତ କରୁଛନ୍ତି।

## ୪ ବର୍ଷ ପରେ ହତ୍ୟା ମାମଲାର ରାୟ

# ୫ ଅଭିଯୁକ୍ତ ନିର୍ଦ୍ଦୋଷ

କୋରାପୁଟ,୩୦।୧୧(ସ୍ୱ.ପ୍ର.)

୪ ବର୍ଷ ତଳେ ଘଟିଥିବା ଏକ ହତ୍ୟା ମାମଲାର ବିଚାର କରି କୋରାପୁଟ ଏଡିଜେ ହେମନ୍ତ କୁମାର ସେଠୀ ଅଭିଯୁକ୍ତ ଥିବା ୫ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୪ ଏପ୍ରିଲ ୨ରେ ଜିଲାର ନନ୍ଦପୁର ଥାନା ଗୋଡିକମାର ଗ୍ରାମର ଫୁଲମତି କୋନାବାଲିଙ୍କୁ କେତେଜଣ ଦୁର୍ବୃତ୍ତ ହତ୍ୟା କରିଥିଲେ । ଘଟଣା ନେଇ ନନ୍ଦପୁର ଥାନାରେ ମୃତକଙ୍କ ପରିବାର ଏତଲା ଦେବା ପରେ ଥାନାରେ କେସ୍ ୧୯/୨୦୧୪ରେ ଏକ ମାମଲା ରୁଜୁ କରାଯାଇଥିଲା। ଏଥିରେ ଅଭିଯୁକ୍ତ ଥିବା ପ୍ରତାପ ଚୋରି ନାୟକ, ଧର୍ମା ଚୋରିନାୟକ, ଭୃଗୁ ଡକ୍ରିନାୟକ, ତୁମ୍ବନାଥ ଡକ୍ରିନାୟକ, କେଶବ ଡକ୍ରିନାୟକ ଗିରଫ ହୋଇଥିଲେ । କୋରାପୁଟ ଏଡିଜେ କୋର୍ଟରେ କେସ୍ ନଂ ୧୧୩/୨୦୧୪ରେ ଏକ ମାମଲା ବିଚାରାଧୀନ ରହିଥିଲା। ଶୁକ୍ରବାର ଏହି ମାମଲାରେ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଜଜ୍ ହେମନ୍ତ କୁମାର ସେଠୀ ଅଭିଯୁକ୍ତ ଥିବା ୫ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତମାନଙ୍କ ପକ୍ଷରୁ ଆଇନଜୀବୀ ଟି. ଗୋପୀନାଥ ମୂର୍ତ୍ତି ମାମଲା ପରିଚାଳନା କରୁଥିଲେ ।

## ୨୩୫ ମେଧାଙ୍କୁ ମିଳିଲା ଲାପଟପ୍



ବିଧାୟକ ଛାତ୍ରୀଙ୍କୁ ଲାପ୍‌ଟପ୍ ପ୍ରଦାନ କରୁଛନ୍ତି ।

ଜୟପୁର,୩୦।୧୧(ନି.ପ୍ର./ଡି.ଏନ୍.ଏ.)

ସ୍ଥାନୀୟ ବିକ୍ରମଦେବ କଲେଜରେ ଶୁକ୍ରବାର ଲ୍ୟାପଟପ୍ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ୨୩୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲ୍ୟାପଟପ୍ ବାଣ୍ଟିଥିଲେ। ଲ୍ୟାପ୍‌ଟପ୍‌ରେ ଅପ୍ ଆଣ୍ଡ ଡାଉନ୍ କି' ରହିଛି। ଯିଏ ଭଲ କରିବ, ସିଏ ଅପ୍ ମାନେ ଉପରେ ରହିବ। ସମସ୍ତେ ଭଲକୁ ଗ୍ରହଣ କରି ଆଗକୁ ବଢ଼ିବା ପାଇଁ ବିଧାୟକ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ, କଲେଜ ଅଧ୍ୟକ୍ଷା ରଚନା ଆଚାର୍ଯ୍ୟ, ଅଧ୍ୟାପକ କମଳ ଲୋଚନ ମହାଳିକ ଉପସ୍ଥିତ ଥିଲେ। ଅଧ୍ୟାପକ ଡ. ଲକ୍ଷ୍ମଣ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ମିଲର୍ସ ସଂଘର ଚରମବାଣୀ

## ବିନା ମାନ ଯାଞ୍ଚରେ କଷ୍ଟମମିଲିଂ ପାଇଁ ଧାନ ଗ୍ରହଣ କରିବେନି

ଜୟପୁର,୩୦।୧୧(ଡି.ଏନ.ଏ)

ମିଲ୍ ମାଲିକ ସଂଘ ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରି ଜିଲାର କୌଣସି ମଣ୍ଡିରେ ଧାନର ମାନ ବିନା ଯାଞ୍ଚରେ କଷ୍ଟମମିଲିଂ ପାଇଁ ଗ୍ରହଣ କରାଯିବନାହିଁ ବୋଲି ଚରମବାଣୀ ଶୁଣାଇଛି । ଏହାପରେ ଚାଷୀଙ୍କ ଧାନ ମଣ୍ଡିରୁ କ୍ରୟ ନେଇ ପୁଣି ଏକ ନୂଆ ବିବାଦ ଆରମ୍ଭ ହୋଇଯାଇଛି। ପ୍ରଶାସନ ଏବଂ ମିଲର୍ସଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ରହିଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ସରକାରଙ୍କ ଧାନ କ୍ରୟ ନିୟମ ଅନୁଯାୟୀ ଚାଷୀ ଅମଳଧାନକୁ ବିକ୍ରି ନିମନ୍ତେ ମଣ୍ଡିକୁ ଆଣିବା ସହିତ ସେଠାରେ ସମସ୍ତ ଧାନର ମାନଯାଞ୍ଚ କରାଯିବାକୁ ଜିଲାପାଳ ଏବଂ ଯୋଗାଣ ବିଭାଗ କ୍ରୟକାରୀ ସଂସ୍ଥା ଲ୍ୟାମ୍ପ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । କୋରାପୁଟ ଜିଲାରେ ଗତ ୯ ତାରିଖରେ ଚାଷୀଙ୍କ ଧାନ କ୍ରୟ ନିମନ୍ତେ ମଣ୍ଡି ଶୁଭାରମ୍ଭ ହୋଇଥିଲେ ସୁଦ୍ଧା ଧାନ ବିକ୍ରି ଆରମ୍ଭ ହୋଇ ନ ଥିଲା । କିନ୍ତୁ ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ ପରେ ଗତ ରବିବାର ମିଲର୍ସଙ୍କ ପକ୍ଷରୁ ଛୁଟି ଦିନରେ ସମୁଦାୟ ୯୦ ମିଲର୍ସଙ୍କ ମଧ୍ୟରୁ ୭୫ଜଣ ରାଜ୍ୟ ଯୋଗାଣ ନିଗମ ସହିତ ଚୁକ୍ତିନାମା କରିଥିଲେ। ସୋମବାରଠାରୁ ମଣ୍ଡିରୁ ନିଗମ ପକ୍ଷରୁ ଲ୍ୟାମ୍ପ ମାଧ୍ୟମରେ ଧାନ କ୍ରୟ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଶୁକ୍ରବାର ଜୟପୁର ବ୍ଲକର ବଡ଼ଜିଉନା, ପଲକାପୁଟ, କୋଟପାଡ଼ର କୁସୁମି ପ୍ରଭୃତି ସ୍ଥାନରେ ମଣ୍ଡି ରହିଥିଲା । କିନ୍ତୁ ମଣ୍ଡିରେ ବିକ୍ରି ନିମନ୍ତେ ଚାଷୀଙ୍କ ଧାନ ଢଳାଯିବାକୁ ଚାଷୀମାନେ ବିରୋଧ କରିଥିଲେ । ଫଳରେ ଧାନ କ୍ରୟ ହୋଇପାରି ନ ଥିଲା। ବିନା ଯାଞ୍ଚରେ ଧାନ କଷ୍ଟମମିଲିଂ ନିମନ୍ତେ ଗ୍ରହଣ କରିବେ ନାହିଁ ବୋଲି ଗୁରୁବାର ଜିଲା ଯୋଗାଣ ଅଧିକାରୀଙ୍କୁ ସାକ୍ଷାତ କରିବା ସହିତ ସରକାର ଗାଇଡ଼ଲାଇନ ଏବଂ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ମଣ୍ଡିରେ ଧାନର ମାନ ଯାଞ୍ଚ ପରେ ଏଫଏକ୍ୟୁମାନର ଧାନ ଗ୍ରହଣ କରିବାକୁ ମିଲର୍ସ ସଂଘର ବୈଠକରେ ଜଣାଇଛନ୍ତି । ସେହିପରି ଜିଲାଯୋଗାଣ ଅଧିକାରୀ ସମବାୟ ବିଭାଗର ଡିଆରସିଏସଙ୍କୁ ଚିଠି ମାଧ୍ୟମରେ ଜଣାଇ କ୍ରୟକାରୀ ସଂସ୍ଥା ସମସ୍ତ ଲ୍ୟାମ୍ପ ପକ୍ଷରୁ ଚାଷୀଙ୍କ ଧାନର ମାନ ଯାଞ୍ଚ ପରେ କ୍ରୟ କରାଯିବାକୁ ନିର୍ଦ୍ଦେଶ ଦେବାକୁ ଜଣାଇଛନ୍ତି ।

## ଥାନାରେ ସମିତି ସଭ୍ୟଙ୍କୁ ମାଡ଼ ଅଭିଯୋଗ

### ସମିତିସଭ୍ୟ ମୋତେ ଖରାପ ବ୍ୟବହାର କରିଛନ୍ତି: ଏସ୍‌ଆଇ

ପଟ୍ଟାଙ୍ଗି,୩୦।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନାରେ ଅମ୍ବାବାଲି ପଞ୍ଚାୟତ ସମିତି ସଭ୍ୟ ସୁବାସ ବଡ଼ବୁରାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଥାନା ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏସ୍‌ଆଇ କରୁଣାକର ଗୌଡ଼ ଅସଭ୍ୟ ଭାଷାରେ ଗାଳିଗୁଲଜ ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ମିଛ ମାମଲାରେ ବାନ୍ଧିଦେବି ବୋଲି ସେ ଧମକ ଦେଇଥିବା ଉକ୍ତ ସମିତି ସଭ୍ୟ କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ବିଶାଲ କନୱର ସିଂଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିଲେ ନିଜ ସମର୍ଥକଙ୍କ ସହ ପଟ୍ଟାଙ୍ଗି ଥାନା ସମ୍ମୁଖରେ ଅନଶନ କରିବେ ବୋଲି ସମିତିସଭ୍ୟ କହିଛନ୍ତି। ନିଜ ଲିଖିତ ଅଭିଯୋଗର ନକଲ ସେ ରାଜ୍ୟ ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଏବଂ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ପଠାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଏନେଇ ଅଭିଯୋଗ ଉଠିଥିବା ଏସ୍‌ଆଇ ଗୌଡ଼ଙ୍କୁ ପଚାରିବାରୁ ସେ କହିଥିଲେ, ଏହା ସତ୍ୟ ନୁହେଁ। ଓଲଟା ସମିତି ସଭ୍ୟ ସୁବାସ ଅଶୋଭନୀୟ କଥା କହି ବ୍ୟବହାର ଖରାପ କରିଛନ୍ତି। ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଏପରି ଅଭିଯୋଗ ମୋ ଦୃଷ୍ଟିକୁ ଆସିନାହିଁ। ଏହାର ତଦନ୍ତ କରାଯିବ।

# ଝୋଲାରେ ରାସ୍ତା ନିର୍ମାଣ କଲେ ଗାଁ ଲୋକେ

ଦଶମନ୍ତପୁର,୩୦।୧୧(ଡି.ଏନ.ଏ.)

ଜିଲା ଏବଂ ବ୍ଲକ୍ ପ୍ରଶାସନ ନିକଟରେ ଦାବି ଜଣାଇଲେ ମଧ କୌଣସି ସୁଫଳ ନ ମିଳିବାରୁ ନନ୍ଦିଗାଁ ପଞ୍ଚାୟତର ବାଗ୍ରୀବେଡ଼ା ଗ୍ରାମରେ ଏକ ଝୋଲା ଉପରେ ପଥର ପକାଇ ରାସ୍ତା ମରାମତି କରିଛନ୍ତି ବାସିନ୍ଦା। କୌଣସି ଜରୁରିକାଳୀନ ସମୟରେ ଗାଁରେ ଗାଡି ପଶିପାରୁ ନାହିଁ। ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଆମ୍ବୁଲାନ୍ସ ଗାଁକୁ ଯାଇପାରୁ ନାହିଁ। ଏପରିକି ପାଦଚଲା ଲୋକେ ମଧ ଝୋଲା ପାରି ହେବାକୁ ନାକେଦମ ହେଉଛନ୍ତି । ସେଥିପାଇଁ ବାସିନ୍ଦା ଏକାଠି ହୋଇ ପ୍ରତିଦିନ ୨୦ ଜଣ ଲୋକ ଶ୍ରମଦାନ କରି ୫ ଦିନରେ ଏହି ରାସ୍ତା ମରାମତି କରିଛନ୍ତି। ଏହି ଝୋଲାରେ କଲଭର୍ଟ କିମ୍ବା ପୋଲ ନିର୍ମାଣ କରାଇଦେବାକୁ କହି କେତେକେ କର୍ମଚାରୀ ହାତଗୁଞ୍ଜା ନେଇ ଥିବା ଗ୍ରାମର କୁମ ଟାକ୍ରୀ, ଧୋବଲ ଟାକ୍ରୀ, ଅର୍ଜୁନ ଜାନି, ସଞ୍ଜୀବ ମୁଦୁଲି, ହରି ଜାନି, ଅଶାନ୍ତ ଭଦ୍ରା , ଖଗପତି ଟାକ୍ରୀ ପ୍ରମୁଖ ଅଭିଯୋଗ କରିଛନ୍ତି। ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ବିଷୋଇ ଗାଁକୁ ଯାଇ ଅନୁଧ୍ୟାନ ପରେ ଉକ୍ତ ଝୋଲାରେ ଏକ ପୋଲ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ହିଁ ରହିଯାଇଥିବା ବାସିନ୍ଦା ଅଭିଯୋଗ କରିଛନ୍ତି। ଜନପ୍ରତିନିଧିମାନେ କେବଳ ନିର୍ବାଚନ ଛଡ଼ା ଅନ୍ୟ ସମୟରେ ଗାଁରେ ପାଦପକାଉ ନାହାନ୍ତି ବୋଲି ବାସିନ୍ଦା କହିଛନ୍ତି। ସୂଚନାଯୋଗ୍ୟ ଯେ, ପୂର୍ବରୁ ବାସିନ୍ଦା ଗିର୍ଲିଗୁମ୍ମା ପଞ୍ଚାୟତର ଜମ୍ବୁର ଗ୍ରାମ ରାସ୍ତାଠାରୁ ଆରମ୍ଭ କରି ଚିକାମ୍ବୋ ପଞ୍ଚାୟତର ବୋନାସିଲ ରାସ୍ତା, ଡୁମ୍ବାଗୁଡ଼ା ରାସ୍ତା ଗ୍ରାମବାସୀ ନିଜେ ମରାମତି କରିଛନ୍ତି।



ଝୋଲା ରାସ୍ତାରେ ପଥର ପକାଉଛନ୍ତି ଗ୍ରାମବାସୀ ।

**ପ୍ରଶାସନ ଶୁଣିଲାନି**

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଡିସେମ୍ବର ୧ /୨୦୧୮ Rayagada, Saturday, December. 1 / 2018


## ସଂକ୍ଷେପରେ



### ଭାରସାମ୍ୟ ହରାଇ ଓଲଟିଲା ଗାଡ଼ି

ରାଇଘର, ୩୦।୧୧(ଡି.ଏନ୍.ଏ): ରାଇଘର ବ୍ଲକ ରାଜାପୁଟ ଗ୍ରାମ ନିକଟରେ ଏକ ଗାଡି ଭାରସାମ୍ୟ ହରାଇ ଓଲଟି ପଡିଛି। ଏଥିରେ କେହି ମୃତାହତ ହୋଇ ନ ଥିବା ଖବର ମିଳିଛି। ପ୍ରକାଶ ଯେ, ରାଜାପୁଟ ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷକ କୈବଲ୍ୟ ଦାସଙ୍କ ଗାଡି ଗୁରୁବାର ଭଡାରେ ଯାଇଥିଲା। ଶୁକ୍ରବାର ସକାଳୁ ଫେରିବା ସମୟରେ ରାଜପୁଟ ଗାଁ ନିକଟ ବାଙ୍କରେ ଗାଡିଟି ଓଲଟି ନିକଟସ୍ଥ ଧାନ ବିଲରେ ପଡିଯାଇଥିଲା। ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଲାଉଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଲୋକେ କହିଛନ୍ତି। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି।

### ଗୀତ କୁଡ଼ିଆ ପ୍ରତିଯୋଗିତା

ନବରଙ୍ଗପୁର,୩୦।୧୧(ବି.ପ୍ର.): ସ୍ଥାନୀୟ ସଂସ୍କୃତି ଭବନ ନିକଟରେ ଜିଲାସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ' ପାଇଁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଗୀତ କୁଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବରଙ୍ଗପୁର ବ୍ଲକ ଦେଓଳା ଗାଁର ଶିପଥି ଭତ୍ରା ପ୍ରଥମ, ସିନ୍ଧିଗାଁର ସମ୍ପା ଭତ୍ରା ଓ ତେନ୍ତୁଳିଖୁଣ୍ଟି ବ୍ଲକର ଚନ୍ଦ୍ର ଶେଖର ବିଷୋୟୀ ଯୁଗ୍ମ ଦ୍ୱିତୀୟ ହୋଇଛନ୍ତି। ସେହିଭଳି ତେନ୍ତୁଳିଖୁଣ୍ଟିର ଗଙ୍ଗାଇ ହରିଜନ ଓ ବାହାର ମେଗ୍ରା ଗାଁର ସମ୍ପାରୀ ଜାନୀ ଯୁଗ୍ମ ତୃତୀୟ ହୋଇଛନ୍ତି। ସାମନ ବିହିକା, ମନୋରମା ମାଝୀ, ନାଟ୍ୟ ଗୁରୁ ନରସିଂହ ତ୍ରିପାଠୀ ବିଚାରକ ରହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨ ତାରିଖରେ ଶାସ୍ତ୍ରୀ ଭବନ ଠାରେ ପୂର୍ବାହ୍ନ ୧୦ଟାରେ ଓପନ କୁଇଜ ପ୍ରତିଯୋଗିତା ଓ ମିଶନ ଶକ୍ତି ବୈଠକ ଗୃହରେ କବିତା ପାଠୋତ୍ସବ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

### ଫ୍ରି-ମାଟିନ ବାଛୁରୀ ଜନ୍ମ

ଡାବୁଗାଁ, ୩୦।୧୧ (ଡି.ଏନ୍.ଏ.): ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଡଙ୍ଗରୀଗୁଡ଼ା ଗ୍ରାମର ପ୍ରୀତମ ଗୌଡଙ୍କ ଗାଈ ଫ୍ରି-ମାଟିନ ବାଛୁରୀ ଛୁଆ ଜନ୍ମ ଦେଇଛି। ଉକ୍ତ ଗାଈଠାରେ ଡାବୁଗାଁ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ୯ ମାସ ତଳେ କୃତ୍ରିମ ପ୍ରଜନନ ମାଧ୍ୟମରେ ଗିର ଜାତୀୟ ଶୁକ୍ରାଣୁ ସ୍ଥାପନ କରଯାଇଥିଲା। ଗୁରୁବାର ସକାଳେ ଗାଈଟି ଗୋଟିଏ ମାଈ ଓ ଗୋଟିଏ ଅଣ୍ଡିରା ବାଛୁରୀ (ଯାଁଳା) ଜନ୍ମ ଦେଇଥିଲା। ପ୍ରୀତମଙ୍କଠାରୁ ଖବର ପାଇ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସାଧିକାରୀ ଡା. ସାରସତ ସାହୁ ସେଠାରେ ପହଞ୍ଚି ଗାଈ ଓ ବାଛୁରୀ ଦୁଇଟିଙ୍କୁ ପରୀକ୍ଷା କରି ଏହି ମାଈ ବାଛୁରୀଟି ଫ୍ରି-ମାଟିନଛୁଆ ବୋଲି ଚିହ୍ନଟ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲଥିବା କହିଛନ୍ତି। ଗାଈଠାରୁ ଏଭଳି ବିପରୀତ ଲିଙ୍ଗୀ ଛୁଆ ଜନ୍ମ ହେବା ବିରଳ। ପ୍ରାୟ ୧ ଲକ୍ଷ ଗାଈଙ୍କ ମଧ୍ୟରେ ଗୋଟିଏ ଗାଈ ଏଭଳି ଫ୍ରି-ମାଟିନ ବାଛୁରୀ ଜନ୍ମ ଦେଇଥାନ୍ତି। ଏହି ଶ୍ରେଣୀର ମାଈ ବାଛୁରୀ ଭବିଷ୍ୟତରେ ବନ୍ଧ୍ୟା ଦୋଷର ଶିକାର ହୋଇଥାନ୍ତି ବୋଲି ଡାବୁଗାଁ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ବିଧୂତ ଶେଖର ମିଶ୍ର କହିଛନ୍ତି।

# ପ୍ରତିବନ୍ଧକ ଡେଇଁ ପାଠପଢ଼ା

## ବିପଦସଙ୍କୁଳ ଅବସ୍ଥାରେ ନାଳ ପାରି ହେଉଛନ୍ତି ଛାତ୍ରୀଛାତ୍ର



କାଠଗଣ୍ଡି ଉପରେ ଛାତ୍ରୀଛାତ୍ରମାନେ ଅଜୟଗଡ଼ ନାଳ ପାରି ହେଉଛନ୍ତି।

■ଅଜୟଗଡ଼ ନାଳ ଉପରେ ନାହିଁ ପୋଲ

■ବାରମ୍ବାର ଦାବି ଜଣାଇ ଅଞ୍ଚଳବାସୀ ନିରାଶ

■ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ

ରାୟଗଡ (ଗଜପତି), ୩୦।୧୧(ଡି.ଏନ.ଏ.)

ପାଠ ପଢିବାର ଝୁଙ୍କ ସେମାନଙ୍କ ରାସ୍ତା ରୋକିପାରିନି କି କୌଣସି ଅଘଟଣର ଆଶଙ୍କା ସେମାନଙ୍କୁ ସ୍କୁଲ ଯିବାରୁ ନିବୃତ୍ତ କରାଇ ପାରିନାହିଁ। ପ୍ରତିଦିନ ୟୁନିଫର୍ମ ପିନ୍ଧି, ପିଠିରେ ବହି ବସ୍ତାନି ଲଦି ଦୁଇ ଚାରିଟି କାଠଗଣ୍ଡି ଉପରେ ଚାଲିଚାଲି ପାରି ହେବାକୁ ପଡୁଛି ଅଜୟଗଡ ନାଳ। ପାଦେ ପାଦେ ଅଘଟଣର ଆଶଙ୍କା ଥିଲେ ବି ବିକଳ୍ପ ବ୍ୟବସ୍ଥା ନ ଥିବାରୁ ସେମାନେ ଜୀବନକୁ ବାଜି ଲଗାଇ ସବୁ ପ୍ରତିବନ୍ଧକ ଡେଇଁ ବିପଦସଙ୍କୁଳ ଅବସ୍ଥାରେ ପାଠ ପଢିବାକୁ ଯାଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ରାୟଗଡ ବ୍ଲକ ସନ୍ଧିଗାଁରେ। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଅଜୟଗଡ ନାଳ ଉପରେ ଅଦ୍ୟାବଧି ପୋଲଟିଏ ନିର୍ମାଣ ହୋଇପାରିନାହିଁ। ତେଣୁ ଛାତ୍ରୀଛାତ୍ରମାନେ ବାଧହୋଇ ଆଦରି ନେଇଛନ୍ତି ଏହି ପଥ।

ରାୟଗଡ ବ୍ଲକ ସଦର ମହକୁମାଠାରୁ ୭କି.ମି. ଦୂରରେ ଅବସ୍ଥିତ ସନ୍ଧିଗାଁ ଗ୍ରାମ। ସାନଦୁଣ୍ଡି ପଞ୍ଚାୟତ ଅଧୀନସ୍ଥ ଏହି ଗ୍ରାମରେ ବସବାସ କରୁଛନ୍ତି ପ୍ରାୟ ୨୦ ଆଦିବାସୀ ପରିବାରର ୭୦ ଲୋକ। ସନ୍ଧିଗାଁ ଗ୍ରାମ ପାଖରେ ଅଜୟଗଡ ନାଳ ରହିଛି। ଉକ୍ତ ନାଳ ଉପରେ ସାନଦୁଣ୍ଡି ପଞ୍ଚାୟତ ସମେତ କୁମୁଳାସିଂ ପଞ୍ଚାୟତ ବଡବାଡ ଗ୍ରାମର ୫ଟି ପରିବାର, ଉପର ଅଣାବର ଗ୍ରାମର ୨୦ ପରିବାର, ଚେରୁସାହି ଗ୍ରାମର ୬୦ ପରିବାର ନିର୍ଭର କରନ୍ତି। ତେବେ ନାଳ ଉପରେ ପୋଲ ନ ଥିବାରୁ ଏମାନେ ଗମନାଗମନ ନେଇ ଦୁର୍ଦ୍ଦଶା ଭୋଗୁଥିବା ବେଳେ ମୌଳିକ ସୁବିଧା ଓ ସରକାରୀ ଯୋଜନାଠୁ ଦୂରରେ ରହିଛନ୍ତି। ବର୍ଷା ଋତୁରେ ନାଳରେ ପାଣି ବଢିଲେ ଯାତାୟାତ ଏକପ୍ରକାର ଠପ୍ ହୋଇପଡ଼େ। ପିଲାଙ୍କ ସ୍କୁଲ ଯିବା ବନ୍ଦ ରହେ। ସେହିପରି ଅନ୍ୟ ସମୟରେ ମଧ୍ୟ ନାଳରେ ଅଣ୍ଟାଏ ଉଚ୍ଚର ପାଣି ରହୁଥିବାରୁ ଗମନାଗମନ ନେଇ ସମସ୍ୟା ଉପୁଜୁଛି। ବିଶେଷକରି ରୋଗୀ, ପ୍ରସୂତି ଓ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ନାଳ ପାରି ହେବା କଷ୍ଟକର ହୋଇପଡୁଛି। ନାଳ ଉପରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୀର୍ଘ ବର୍ଷ ହେଲା ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଛନ୍ତି। ମାତ୍ର ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଏଥିପାଇଁ ଅଞ୍ଚଳବାସୀ ଉଭୟ ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଦାୟୀ କରିଛନ୍ତି। ସନ୍ଧିଗାଁ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଦୁଇଟି କେନା ଥିବା ବଡ କାଠଗଣ୍ଡି ଉପରେ ଚାରିଟି ଲମ୍ବା କାଠଗଣ୍ଡି ରଖି ନାଳ ପାରି ହେଉଛନ୍ତି। ୪ଟି ଗ୍ରାମର ଶତାଧିକ ଛାତ୍ରୀଛାତ୍ର ମଧ୍ୟ ଏଭଳି ଭାବେ ନାଳ ପାରି ହୋଇ ରାୟଗଡ ବିଦ୍ୟାଳୟ ଓ ବିଭିନ୍ନ କଲେଜକୁ ଯାଉଛନ୍ତି। ଏହି ସମୟରେ କୌଣସି ଅଘଟଣ ଆଶଙ୍କାରେ ୨-୪ଜଣ ଅଭିଭାବକ ଜଗି ରହନ୍ତି ବୋଲି ସନ୍ଧିଗ୍ରା ଗ୍ରାମର ରୁବେନ କାର୍ଜୀ, ଗିମତି କାର୍ଜୀ, ଗୋସାରୁ ରଇତ, ସନ୍ନ୍ୟାସୀ ନାୟକ, ତିରସ୍କା ଭୂୟାଁ, କୁଶ ଭୂୟାଁ ପ୍ରମୁଖ କହିଛନ୍ତି। ଅଜୟଗଡ ନାଳ ଉପରେ ପୋଲ ନିର୍ମାଣ ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ନ ନେଲେ ସମସ୍ତ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।






# ଭାଜପାର ଜନ ପରାମର୍ଶ ପଦଯାତ୍ରା



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ ଦଳୀୟ କର୍ମୀ ।

ଡାବୁଗାଁ, ୩୦।୧୧ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଡାବୁଗାଁ ଜୋନ-୧ରେ ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନ ଓ ଜୋନ-୨ରେ ଭାଜପା ଜିଲା ଉପସଭାପତି ଜୟନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ଜୋନ-୧ର ଅଞ୍ଚଳା ଗ୍ରାମରେ ଅନୁଷ୍ଠିତ ସଭାରେ ଜିଲା ଭାଜପା ସଭାପତି ରାଜ୍ୟ ସରକାର ଗରିବ ମାରଣ ନୀତି ଆପଣାଉଛନ୍ତି କହିବା ସହ ଏହାକୁ ବିରୋଧ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। ମେଦନା ପଞ୍ଚାୟତ ଅଧୀନ ଚାଟିଗୁଡା ଗ୍ରାମରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମେଦନାର ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ମାଝୀ ନିଜ ସମର୍ଥକଙ୍କ ସହ ଭାଜପାରେ ମିଶିଥିଲେ। ଏହି ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ମନୋରମା ନାୟକ, ଡାବୁଗାଁ ମଣ୍ଡଳ ସଭାପତି ରାଜଶେଖର ରାଓ, ଜିଲା ସମ୍ପାଦକ ଦିବାନ ସିଂ, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ନରେଶ ସିଂ, ମଣ୍ଡଳ ସାଧାରଣ ସମ୍ପାଦକ ଭୀମସେନ ଜେନା, ବିଶ୍ୱରଞ୍ଜନ ପାତ୍ର, ଲକ୍ଷ୍ମୀଧର ନାୟକ, ରତନ କଲାର, ମୋହନ ଦାସ, ଭେଙ୍କେଟ ରାଓ, ଭୁବନ ଗୌଡ, ମଧୁ ପୂଜାରୀଙ୍କ ସହ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

■ ମଞ୍ଚ ନାଟକ ମହୋତ୍ସବ ଚତୁର୍ଥ ଦିବସ

# ମଞ୍ଚସ୍ଥ ହେଲା ଅଭିଶପ୍ତ ଜୀବନ, ସଂସ୍କାର

ନବରଙ୍ଗପୁର, ୩୦।୧୧(ବି.ପ୍ର)

ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସ୍ଥାନୀୟ ଶାସ୍ତ୍ରୀ ଭବନରେ ଅନୁଷ୍ଠିତ ମଣ୍ଡେଇ ନାଟକ ମହୋତ୍ସବର ଚତୁର୍ଥ ଦିନରେ ନବରଙ୍ଗପୁର ପୌର ପରିଷଦର 'ଅଭିଶପ୍ତ ଜୀବନ' ଓ ଝରିଗାଁ ବ୍ଲକର 'ସଂସ୍କାର' ନାମକ ଦୁଇଟି ନାଟକ ମଞ୍ଚସ୍ଥ ହୋଇଛି।

ସମୟ ସହ ତାଳ ଦେଇ ବଦଳୁଛି ମଣିଷ। ପରମ୍ପରା, ସଂସ୍କୃତି ଓ ଆଚାର ବ୍ୟବହାରରେ ପରିବର୍ତ୍ତନ ସହ ମଣିଷ ନିଜ ସଂସ୍କାର ଭୁଲି ଯାଉଛି। ବାପା ମା'ଙ୍କୁ ବାର୍ଦ୍ଧକ୍ୟ ସମୟରେ ଅବହେଳା କରୁଛି। ଏହାର ପ୍ରଭାବ ପଡୁଛି ଘରେ ଥିବା ଶିଶୁମାନଙ୍କ ମନରେ। ଘର ହିଁ ଶିଶୁମାନଙ୍କ ପ୍ରଥମ ବିଦ୍ୟାଳୟ। ଏଠାରେ ସେମାନଙ୍କୁ ଯେଉଁ ସଂସ୍କାର ଦିଆଯିବ ଏହାକୁ ହିଁ ସେ ଆଗକୁ ନେବ ବୋଲି ସଂସ୍କାର ନାଟକ ମାଧ୍ୟମରେ ବାର୍ତ୍ତା ଦିଆଯାଇଥିଲା। ନାଟକରେ ୬ଜଣ କଳାକାର ସାମିଲ ହୋଇଥିଲେ। ନାଟ୍ୟକାର ଅଧାପକ ଗୋପାଳ ମହାରଣାଙ୍କ ସଂସ୍କାର ନାଟକର ନିର୍ଦ୍ଦେଶନା ଦେଇଥିଲେ ଅଧାପିକା ମ. ମଧୁଛାୟା। ଜଗନ୍ନାଥ ଆଚାରୀ ଓ ମନୋଜ କୁମାର ବାଘ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସମ୍ପ୍ରତି ସାମାଜରେ ମଣିଷ ମଣିଷ ମଧ୍ୟରେ ଇର୍ଷା, ଦ୍ୱେଷ, ହିଂସା ମନୋଭାବ ସୃଷ୍ଟି ହେଉଛି । ଶେଷରେ ତା'ର ପରିଣାମ କିପରି ଭୟଙ୍କର ରୂପ ଧାରଣ କରୁଛି ଏହାକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ 'ଅଭିଶପ୍ତ ଜୀବନ'। ଏଥିରେ ୬ ଜଣ କଳାକାର ଅଭିନୟ କରିଥିଲେ। ନାଟ୍ୟକାର ସର୍ବେଶ୍ୱର ତ୍ରିପାଠୀଙ୍କ ଉକ୍ତ ନାଟକର ନିର୍ଦ୍ଦେଶନା ଦେଇଥିଲେ ମନୋଜ କୁମାର ପଟ୍ଟନାୟକ। ଯୁଗଳ କିଶୋର ତ୍ରିପାଠୀ, ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅଶୋକ ମହାନ୍ତି ଓ ମୁରଲିଧର ପଟ୍ଟନାୟକ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।୦ ଜଗଦୀଶ ଅଧିକାରୀ, ଉଦୟ ଶଙ୍କର ଜାନୀ, ଗୋପାଳକୃଷ୍ଣ ସାମନ୍ତରାୟ, ମନୋଜ ସାମନ୍ତରାୟ ଓ ରଘୁନାଥ ଶତପଥୀ ବିଚାରକ ଦାୟିତ୍ୱ ତୁଲାଇଥିଲେ।



ନାଟକ 'ସଂସ୍କାର'ର ଏକ ଦୃଶ୍ୟ।



ବୈଠକରେ ସାମିଲ ଡିଏଭି କଲେଜର ପୁରାତନ ଛାତ୍ରୀଛାତ୍ର।

# ଡିଏଭି କଲେଜ ପୁରାତନ ଛାତ୍ରୀଛାତ୍ରଙ୍କ ବୈଠକ

ନବରଙ୍ଗପୁର,୩୦।୧୧(ବି.ପ୍ର.):

କୋରାପୁଟ ଡିଏଭି କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ନବରଙ୍ଗପୁରରେ ଥିବା ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇ ଯାଇଛି। ଅଯୋଧ୍ୟାନାଥ ସାମଲ ଓ ଉମା ପ୍ରସାଦ ପାତ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ନବରଙ୍ଗପୁର ଭିଜିଲାନ୍ସ ଡିଏସ୍‌ପି ପ୍ରମୋଦ ବାଗ ଅତିଥି ଭାବେ ଯୋଗ ଦେଇଥିଲେ। ସଦାଶିବ ସାହୁ ଓ ସିତାରାମ ବେହେରାଙ୍କ ନେତୃତ୍ୱରେ ଜିଲାର ସମସ୍ତ ପୁରାତନ ଛାତ୍ର ଏକାଠି ହୋଇଥିଲେ। ଡିସେମ୍ବର ୨୯ ଓ ୩୦ ତାରିଖରେ ମହାବିଦ୍ୟାଳୟରେ ପୁରାତନ ଛାତ୍ରୀଛାତ୍ର ଓ ବର୍ତ୍ତମାନର ଛାତ୍ରୀଛାତ୍ରମାନେ ଏକାଠି ହୋଇ ବନ୍ଧୁମିଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡ୍‌ୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।

**ମୂଲ୍ୟ: ୮୦**




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ଯୋଗାଯୋଗ:**

**ରାୟଗଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ଗଜପତି:**
ଶୀତେନ୍ଦ୍ର ପତଙ୍ଗ (୯୪୩୭୩୯୧୧୯୨/୯୯୩୮୮୫୦୫୩୩)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


■ ତିତ୍‌ଲିରେ କ୍ଷତିଗ୍ରସ୍ତ ହୋଇଥିଲା ବାରାଣାସୀ ହାଇସ୍କୁଲ ଗୃହ

# ତରବରିଆ ମରାମତି: ସ୍ଥାୟିତ୍ୱ ନେଇ ପ୍ରଶ୍ନ

କାଶୀନଗର, ୩୦।୧୧(ଡି.ଏନ.ଏ.)



ବିଦ୍ୟାଳୟ ଟିଣ ଛପର ମରାମତି କରାଯାଉଛି।

ତିତ୍‌ଲି ବାତ୍ୟାରେ ଗଜପତି ଜିଲା କାଶୀନଗର ସହରସ୍ଥ ବାରଣାସୀ ଉଚ୍ଚ ବିଦ୍ୟାଳୟରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା। ବିଭିନ୍ନ ଶ୍ରେଣୀଗୃହ ଓ ସାଇକେଲ ଷ୍ଟାଣ୍ଡର ଟିଣ ଛପର ଉଡ଼ିଯାଇଥିଲା। ବର୍ଷାରେ କାନ୍ଥ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପୂର୍ତ୍ତ ବିଭାଗର ଅଧିକାରୀମାନେ ଏସବୁ ଅନୁଧାନ କରିବା ପରେ ମରାମତି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତେବେ ତରବରିଆ ଭାବେ କାନ୍ଥ ଉଠାଇ ଓ ଟିଣ ପକାଇ ଯେତେନ ପ୍ରକାରେ କାମ ସାରିଦିଆଗଲା। ସେହିପରି ହାଇସ୍କୁଲ ଫାଟକ ନିକଟ ପାଚେରି ଉପରେ ମାତ୍ର ଦୁଇ ଥାକ ଇଟା ବସାଇ ଟିଣ ଛପର କରି ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯାଇଥିଲା। ତେବେ ନିମ୍ନମାନର କାମ ଯୋଗୁ ତିତ୍‌ଲି ବାତ୍ୟାରେ ଦୁଇ ଥାକ ଇଟା କ୍ଷତିଗ୍ରସ୍ତ ହେବା ସହ ଟିଣ ଛପର ଉଡିଗଲା। ଉକ୍ତ ଟିଣ ବର୍ତ୍ତମାନ ମୁଖ୍ୟ ଫାଟକ ସମ୍ମୁଖରେ ଝୁଲନ୍ତା ଅବସ୍ଥାରେ ରହିଛି। ପବନ ହେଲେ କିମ୍ବା ମୁଖ୍ୟ ଫାଟକ ଖୋଲିଲେ ଏହା ହଲୁଛି। କେତେବେଳେ ଯେ ଏହା ଖସିପଡ଼ି କାହାର ଜୀବନ ନେଇଯିବ ତାହା କହିହେବ ନାହିଁ। ଏଥିଯୋଗୁ ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି। ତୁରନ୍ତ ନୂତନ ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସେମାନେ ଦାବି କରିଛନ୍ତି। ସେହିପରି ୧୯୫୫ ମସିହାରେ ନିର୍ମିତ ହୋଇଥିବା ଏହି ସ୍କୁଲର ମୂଳଦୁଆ ଦୁର୍ବଳ ହୋଇପଡ଼ିଲାଣି। କାନ୍ଥ ଶୋଚନୀୟ ଅବସ୍ଥାରେ ରହିଛି। ସ୍କୁଲ ଗୃହକୁ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ନୂତନ କୋଠା ନିର୍ମାଣର ଆବଶ୍ୟକତା ରହିଥିବାବେଳେ ପୂର୍ତ୍ତ ବିଭାଗ ପୁରୁଣା ଗୃହକୁ ତରବରିଆ ଭାବେ ମରାମତି କରିଛି। ଏଥିଯୋଗୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ରାଜା ରାଓଙ୍କୁ ପଚାରିବାରେ ନିର୍ବାହୀ ଯନ୍ତ୍ରୀଙ୍କ ନିର୍ଦ୍ଦେଶାନୁଯାୟୀ କାମ ହେଉଥିବା କହିଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ